• Vol.- 45, Issue No. 335
• Monday, 9 March 2026
• ସୋମବାର, ୯ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଭାରତ ବିଶ୍ୱ ଚାମ୍ପିଅନ୍

## ହେଲା ରନ୍ ବର୍ଷା; ନ୍ୟୁଜିଲାଣ୍ଡକୁ ୯୬ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ

**ଇତିହାସ ରଚିଲା ଭାରତ, ଜିତିଲା ୩ୟ ଟି ୨୦ ବିଶ୍ୱକପ୍ ଟାଇଟଲ୍**

ଅହମଦାବାଦ, ୮ ।୩: ଉଡ଼ିଲା ତ୍ରିରଙ୍ଗା। ଟି-୨୦ ବିଶ୍ୱକପ୍ ଫାଇନାଲ ଜିତି ବିଶ୍ୱ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି ଟିମ୍ ଇଣ୍ଡିଆ। ରବିବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଏହି ମହାମୁକାବିଲାରେ ବିରୋଧୀ ନ୍ୟୁଜିଲାଣ୍ଡ ଆଗରେ ୨୫୫ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିବା ଭାରତ। ଏହାର ଜବାବରେ ୧୦୦ ରନ୍ ମଧ୍ୟରେ ନ୍ୟୁଜିଲାଣ୍ଡର ଅଧା ଟିମ୍ ଉଇକେଟ ହରାଇଥିଲା। ଫଳରେ ଧୀରେ ଧୀରେ ଦଳ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଶେଷରେ ୧୯ ଓଭରରେ ଦଳ ୧୫୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏଣୁ ଭାରତ ୯୬ ରନ୍‌ର ବିଶାଳ ରନ୍‌ରେ ବିଜେତା ହେବାର ଗୌରବ ଅର୍ଜନ କରିଛି। ଟିମ୍ ଇଣ୍ଡିଆ ପକ୍ଷରୁ ଜସପ୍ରିତ ବୁମ୍‌ରା, ଅକ୍ଷର ପଟେଲ ପ୍ରମୁଖ ଜବରଦସ୍ତ ବୋଲିଂ ପ୍ରଦର୍ଶନ କରିଥିଲେ। ବିଶେଷକରି ବୁମ୍‌ରାଙ୍କ ବଲ୍‌କୁ ବିରୋଧୀ ଟିମ୍‌ର ଖେଳାଳିମାନେ ଠଉରାଇ ପାରୁ ନ ଥିଲେ। ପୂର୍ବରୁ ଭାରତ ୨୦୦୭ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୨୦୨୧ରେ ରନରଅପ୍ ହୋଇଥିଲା। ଆଜିର ମ୍ୟାଚ ଜିତି ଭାରତ ତୃତୀୟ ଥର ପାଇଁ ଟ୍ରଫି ହାତେଇ ରେକର୍ଡ କରିଛି। ଅପରପକ୍ଷେ ନ୍ୟୁଜିଲ୍ୟାଣ୍ଡ ପାଇଁ ଏହା ଦ୍ୱିତୀୟ ଫାଇନାଲ ଥିଲା। ୨୦୨୧ରେ ଦଳ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ରନର୍ସଅପ ହୋଇ ସନ୍ତୁଷ୍ଟ ହୋଇଥିଲା। ଭାରତ ପକ୍ଷରୁ ଓପନର ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ହେଲେ ଅର୍ଦ୍ଧଶତକ ପରେ ଅଭିଷେକଙ୍କ ଉଇକେଟ ଯିବା ପରେ ଏହି ଯୋଡ଼ି ଭାଙ୍ଗି ଯାଇଥିଲା। ପରେ ସାମସନଙ୍କ ସହ ଇଶାନ କିଷନ ମଧ୍ୟ ଜବରଦସ୍ତ ଭାଗିଦାରୀ କରି ଦଳର ସ୍କୋରକୁ ଆଗକୁ ନେଇଥିଲେ। ପରେ ୮୯ ରନ୍‌ରେ ପୁଣି ଥରେ ନିଜ ଉଇକେଟ ହରାଇଥିଲେ ସାମସନ। ଫଳରେ ଭାରତର ସ୍କୋର ଉପରେ ଏହାର ପ୍ରଭାବ ପଡ଼ିଥିଲା। ୧୬ତମ ଓଭରରେ ଦଳ ୩ ଉଇକେଟ ହରାଇଥିଲା। ଶେଷରେ ତିଳକ ବର୍ମା ଏବଂ ଶିବମ ଦୁବେ ଶେଷ ଓଭରରେ ପୁଣିଥରେ ଚୌକା ଏବଂ ଛକା ମାରି ସ୍କୋରକୁ ୨୫୫ରେ ପହଞ୍ଚାଇଥିଲେ। ଏହା ବିଶ୍ୱକପ୍‌ରେ ସର୍ବକାଳୀନ ତୃତୀୟ ବଡ଼ ସ୍କୋର।

**୧୯ ଓଭରରେ ୧୫୯ ରନ୍‌ରେ ନ୍ୟୁଜିଲାଣ୍ଡ ଅଲଆଉଟ୍**






# ୟୁଏଇ ଉପରେ ୧୬ କ୍ଷେପଣାସ୍ତ୍ର ମାଡ଼

■ ୩୨ହଜାରରୁ ଅଧିକ ଆମେରିକୀୟ ମଧ୍ୟପ୍ରାଚ୍ୟ ଛାଡ଼ିଲେ
■ ଇରାନରେ ୧୦ ହଜାର ବେସାମରିକ ନିର୍ମାଣ କ୍ଷତିଗ୍ରସ୍ତ
■ ପୋପ୍ ଲିଓ ଚତୁର୍ଦ୍ଦଶ ଯୁଦ୍ଧର ଅନ୍ତ ଘଟାଇବାକୁ ଦେଲେ ଆହ୍ୱାନ



ନୂଆଦିଲ୍ଲୀ,୮ ।୩: ଲେବାନନର ଶୀର୍ଷ କୂଟନୀତିଜ୍ଞ ସାଇପ୍ରସର ଦକ୍ଷିଣ ଉପକୂଳରେ ଥିବା ଏକ ବ୍ରିଟିଶ ଏୟାରବେସ ଉପରେ ଲେବାନନ ଅଞ୍ଚଳରୁ କରାଯାଇଥିବା ଡ୍ରୋନ ଆକ୍ରମଣକୁ ନିନ୍ଦା କରିଛନ୍ତି। ଇସ୍ରାଏଲୀ ସେନା ଘୋଷଣା କରିଛି ଯେ ରବିବାର ଦକ୍ଷିଣ ଲେବାନନରେ ଯୁଦ୍ଧରେ ଦୁଇ ସୈନିକଙ୍କ ମୃତ୍ୟୁ ହୋଇଛି। ବିଦେଶ ବିଭାଗ କହିଛି ଯେ ଗତ ସପ୍ତାହରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩୨,୦୦୦ ରୁ ଅଧିକ ଆମେରିକୀୟ ମଧ୍ୟପ୍ରାଚ୍ୟ ଛାଡ଼ିଛନ୍ତି। ତେହେରାନ ଯୁଦ୍ଧବିରତି ବିଚାର କରିବା ପୂର୍ବରୁ, ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚ୍ କହିଛନ୍ତି 'ସେମାନଙ୍କୁ ଏହି ଆକ୍ରମଣ କାହିଁକି ଆରମ୍ଭ କରିଥିଲେ ତାହା ବୁଝାଇବାକୁ ପଡିବ।' ସେ କାହା ବିଷୟରେ ଏପରି କହିଥିଲେ ତାହା ସ୍ପଷ୍ଟ କରି ନଥିଲେ। ସଂଯୁକ୍ତ ଆରବ ଏମିରେଟ୍ସ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରବିବାର ସୋସିଆଲ ମିଡିଆରେ ପୋଷ୍ଟ କରିଛି, 'ସଂଯୁକ୍ତ ଆରବ ଏମିରେଟ୍ସ ନିଶ୍ଚିତ କରୁଛି ଯେ ଇରାନୀୟ ଆକ୍ରମଣର ଜବାବରେ ପ୍ରତିରକ୍ଷା ସ୍ଥିତିରେ ଅଛି। ଯେଉଁଥିରେ ଭିତ୍ତିଭୂମି ଏବଂ ନାଗରିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରି ୧,୪୦୦ ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଉତ୍‌କ୍ଷେପଣ ଅନ୍ତର୍ଭୁକ୍ତ। ପରିଣାମରେ ସାଧାରଣ ଲୋକ ମୃତାହତ ହୋଇଛନ୍ତି।' ଇରାନରେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ସାରା ଦେଶରେ ପ୍ରାୟ ୧୦,୦୦୦ ବେସାମରିକ ନିର୍ମାଣକୁ କ୍ଷତିଗ୍ରସ୍ତ କରିଛି। ଇରାନୀ ରେଡ କ୍ରିସେଣ୍ଟ ସୋସାଇଟି କହିଛି। ପୋପ୍ ଲିଓ ଚତୁର୍ଦ୍ଦଶ ଇରାନରେ ଆମେରିକା-ଇସ୍ରାଏଲ ଯୁଦ୍ଧର ଅନ୍ତ ଏବଂ ଆଲୋଚନା ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି ।ଲଗାତାର ଦ୍ୱିତୀୟ ରବିବାର ପାଇଁ, ଲିଓ ଯୁଦ୍ଧ ବିଷୟରେ ତାଙ୍କର 'ଗମ୍ଭୀର ଚିନ୍ତା' ପ୍ରକଟ କରିଛନ୍ତି। ଆରବ ଲିଗ୍ ମୁଖ୍ୟ ରବିବାର ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ ସମୟରେ ଆରବ ଦେଶ ଉପରେ ଆକ୍ରମଣ କରିବା ପାଇଁ ଇରାନକୁ ସମାଲୋଚନା କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ କହିଛି ଯେ ଇରାନ ରବିବାର ନୂତନ ବ୍ୟାରେଜରେ ୧୬ ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୧୧୭ ରୁ ଅଧିକ ଡ୍ରୋନ୍ ନିକ୍ଷେପ କରିଛି। ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହା ସମସ୍ତ ୧୬ ଟି କ୍ଷେପଣାସ୍ତ୍ରକୁ ବାଧା ଦେଇଛି। ଗୋଟିଏ ସମୁଦ୍ରରେ ପଡ଼ିଛି। ଇରାନର ରାଷ୍ଟ୍ରପତି ରବିବାର ପୂର୍ବରୁ ଇସ୍ରାଏଲ ଏବଂ ଆମେରିକାର ଜାରି ରହିଥିବା ଆକ୍ରମଣର ମୁକାବିଲାରେ ସମଗ୍ର ଅଞ୍ଚଳରେ ଆମେରିକୀୟ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ ବୃଦ୍ଧି କରିବାକୁ ଧମକ ଦେଇଛନ୍ତି।

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା

ଭୁବନେଶ୍ୱର,୮ ।୩ : ସୋମବାରଠୁ ସରଗରମ ହେବ ବିଧାନସଭା । ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ମୁହାଁମୁହିଁ ହେବ ଶାସକ - ବିରୋଧୀ । ମଣ୍ଡିରେ ଧାନକିଣାକୁ ନେଇ ଅବ୍ୟବସ୍ଥାରେ ରାଜନଗରରେ ଚାଷୀ ମୃତ୍ୟୁ ଅଭିଯୋଗ, ଆଇନଶୃଙ୍ଖଳା ପ୍ରଭୃତିକୁ ନେଇ ସରକାରଙ୍କୁ ଘେରିପାରନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ । ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ନେଇ ବିଜେଡି ସୁପ୍ରିମୋ କ୍ଷୋଭ ପ୍ରକାଶ କରିଥିବା ବେଳେ ଗୃହରେ ଏହାକୁ ଉଠାଇପାରେ ଦଳ।

# ପ୍ରୋଟୋକୋଲ ତ୍ରୁଟି: କେନ୍ଦ୍ର ସରକାରଙ୍କ ରିପୋର୍ଟ ତଲବ



ନୂଆଦିଲ୍ଲୀ,୮ ।୩: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ ହୋଇଥିବା ପ୍ରୋଟୋକୋଲ ତ୍ରୁଟିକୁ ନେଇ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଆପଣେଇଛନ୍ତି । କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ପଶ୍ଚିମବଙ୍ଗର ମୁଖ୍ୟ ସଚିବଙ୍କୁ ଚିଠି ଲେଖି ସନ୍ଧ୍ୟା ୫ଟା ସୁଦ୍ଧା ପୂରା ମାମଲାର ରିପୋର୍ଟ ତଲବ କରିଛନ୍ତି । ଶନିବାର ରାଷ୍ଟ୍ରପତିଙ୍କ ଦ୍ୱାରା ଦାର୍ଜିଲିଂ ଜିଲ୍ଲାରେ ସାର୍ବଜନୀନ ଭାବେ ଅସନ୍ତୋଷ ବ୍ୟକ୍ତ ପରେ କେନ୍ଦ୍ର ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗୃହ ମନ୍ତ୍ରଣାଳୟର ମୁଖ୍ୟ ସଚିବ ମୁଖ୍ୟତଃ ତିନୋଟି ମହତ୍ୱପୂର୍ଣ୍ଣ ବିନ୍ଦୁ ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି । ରାଷ୍ଟ୍ରପତିଙ୍କ ଆଗମନ ସମୟରେ ତାଙ୍କର ସ୍ୱାଗତ ପାଇଁ ନିର୍ଦ୍ଧାରିତ ପ୍ରୋଟୋକଲର ପାଳନ କାହିଁକି କରାଗଲା ନାହିଁ ? ଦାର୍ଜିଲିଂ ଜିଲ୍ଲାରେ ଆୟୋଜିତ ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀର ସ୍ଥାନ ଅନ୍ତିମ ସମୟରେ କାହିଁକି ପରିବର୍ତ୍ତନ କରାଗଲା ? କାର୍ଯ୍ୟକ୍ରମ ସମୟରେ ସୁରକ୍ଷା ଓ ଅନ୍ୟ ପ୍ରଶାସନିକ ବ୍ୟବସ୍ଥାରେ ଏତେ ତ୍ରୁଟି କାହିଁକି ହେଲା ?

■ ମହିଳା ଦିବସରେ 'ସୁଭଦ୍ରା' ଚତୁର୍ଥ କିସ୍ତି ଦେଲେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କ ଶକ୍ତି ହିଁ ସମୃଦ୍ଧ କରିବ ଓଡ଼ିଶା

## ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି

- 'ସୁଭଦ୍ରା' ଅଭୁତପୂର୍ବ ପରିବର୍ତ୍ତନର ବାର୍ତ୍ତାବହ
- କୋଟିଏରୁ ଅଧିକ ମହିଳାଙ୍କୁ ୫,୧୦୬ କୋଟିରୁ ଅଧିକ ହସ୍ତାନ୍ତର
- ପୁରୀ ଜିଲ୍ଲାର ୪.୨୦ ଲକ୍ଷରୁ ଅଧିକ ମା' ଅନ୍ତର୍ଭୁକ୍ତ
- ରାଷ୍ଟ୍ରପତିଙ୍କ ଅସମ୍ମାନର ଦୃଢ଼ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ସୁଭଦ୍ରା ସମୀକ୍ଷା ରିପୋର୍ଟ ଉନ୍ମୋଚିତ




ପୁରୀ,୮ ।୩(ନିପ୍ର): ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା' ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୁତ ପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି । ଆଗାମୀ ଦିନରେ ଅଧିକରୁ ଅଧିକ ମା ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ । ରବିବାର ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏହା କହିଛନ୍ତି । ଚତୁର୍ଥ ପର୍ଯ୍ୟାୟରେ ୧,୨,୧୨,୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ ପୁରୀ ଜିଲ୍ଲାର ୪,୨୦,୮୫୪ ଜଣ ହିତାଧିକାରୀ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ଏବଂ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ । ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି। ସେ ପୁଣି କହିଥିଲେ ଯେ ଆଇଆଇଏମ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତାକୁ ବ୍ୟବସାୟ ଆରମ୍ଭ ପାଇଁ ବ୍ୟବହାର କରିଥିବା ବେଳେ ୩୫.୭ ପ୍ରତିଶତ ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏହା ସହିତ ଅନେକ ମହିଳା ଋଣ ପରିଶୋଧ, ସଞ୍ଚୟ ଓ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରହିବ । ସମୃଦ୍ଧ ଓଡିଶା ଓ ବିକଶିତ ଗଠନ ହେବ ମହିଳାମାନଙ୍କ ନେତୃତ୍ୱରେ । ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଆର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗରେ ହୋଇଥିବା ଅସମ୍ମାନକୁ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ସମୀକ୍ଷା ରିପୋର୍ଟ , ମହିଳା ଓ ଶିଶୁ ବିକାଶ ବିଭାଗର ଏକ କଫି ଟେବୁଲ ବୁକ ଓ ବାଲ୍ୟ ବିବାହ ନିବାରଣ ପାଇଁ ପ୍ରସ୍ତୁତ ହୋଇଥିବା ଏକ ପୁସ୍ତିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଭାରତ ବର୍ଷ ଆଜି ମହିଳାଙ୍କ ପାଇଁ ଯାହା ଭାବୁଛି ମା ସୁଭଦ୍ରାଙ୍କ ଆଶୀର୍ବାଦରୁ ଓଡ଼ିଶାରେ ମହିଳାମାନେ ତା ଠାରୁ ବହୁତ ଆଗରେ ଅଛନ୍ତି ।

● ମଧ୍ୟପ୍ରାଚ୍ୟ ମହାତାଣ୍ଡବ ନବମ ଦିନରେ

# ଇରାନ ତୈଳ ଭଣ୍ଡାରକୁ ନିଶାଣ

ନୂଆଦିଲ୍ଲୀ,୮ ।୩ :ଇରାନ ଉପରେ ଇସ୍ରାଏଲ ଓ ଆମେରିକା ଆକ୍ରମଣର ନବମ ଦିନ ଥିଲା ରବିବାର। ଇସ୍ରାଏଲ ଇରାନ ଉପରେ ବଡ ଧରଣର ହମଲା ଜାରି ରଖିଛି। ଗଣମାଧ୍ୟମ ରିପୋର୍ଟ ମୁତାବକ ଏଥର ଇସ୍ରାଏଲ ତେହରାନର ତୈଳ ଭଣ୍ଡାରକୁ ନିଶାଣ କରିଛି । ତଥ୍ୟାଭିଜ୍ଞଙ୍କ କହିବା କଥା ଆମେରିକା ଓ ଇସ୍ରାଏଲ ଇରାନର ଅଣ୍ଟା ଭାଙ୍ଗିବାକୁ ଲାଗି ପଡିଛନ୍ତି। ପରିଣାମରେ ଏହି ଦେଶ ଆତ୍ମ ସମର୍ପଣ କରିବ । ତେଣୁ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଇରାନର ୧୨ରୁ ଅଧିକ ତୈଳ ଭଣ୍ଡାର ଉପରେ ହମଲା ଜାରି ରଖିଛନ୍ତି। ଏହି ଆକ୍ରମଣରେ ଇରାନର ଲଜିଷ୍ଟିକ, ଯାତାୟାତ ଓ ବିଦ୍ୟୁତ ସଙ୍କଟ ଆଡ଼କୁ ସ୍ଥିତି ଯାଉଥିବା କୁହାଯାଇଛି। ତେହରାନର ଏକ ତୈଳ ଭଣ୍ଡାର ଉପରେ ନିଆଁ ପିଣ୍ଡୁଳା ଉଠୁଥିବା ଦେଖିବାକୁ ମିଳିଛି । ଇସ୍ରାଏଲର ସେନା କହିଛି ଯେ, ସେମାନେ ତେହରାନରେ ଇନ୍ଧନ ଭଣ୍ଡାର ଉପରେ ହମଲା କରିଛନ୍ତି । ମୋଟ ଉପରେ ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆହୁରି ଜଟିଳ ସ୍ଥିତି ଆଡକୁ ଗତି କରିଛି।

# ବାଲେନ୍ ହେବେ ନେପାଳ ପ୍ରଧାନମନ୍ତ୍ରୀ



କାଠମାଣ୍ଡୁ,୮ ।୩: ନେପାଳ ସାଧାରଣ ନିର୍ବାଚନ ଫଳାଫଳ ପାଇଁ ନେପାଳବାସୀଙ୍କ ହୃତ୍‌ସ୍ପନ୍ଦନ ବଢ଼ିଥିବା ଚର୍ଚ୍ଚା ହେଉଛି। ଚଳିତ ଭୋଟ ଗଣନା ସୂଚାଇ ଦେଉଛି ଯେ ଏକ ବଡ଼ ରାଜନୈତିକ କ୍ରାନ୍ତି ପୂର୍ବତନ କାଠମାଣ୍ଡୁ ମେୟର ବାଲେନ୍ (ବାଲେନ୍) ଶାହଙ୍କ ଦଳ ଆଣିଛି। ତାଙ୍କର ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସ୍‌ପି), ମାର୍ଚ୍ଚ ୫ ନିର୍ବାଚନରେ ଏକ ବଡ଼ ବ୍ୟବଧାନରେ ଆଗୁଆ ହେତୁ ବାଲେନ୍ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ । ନିର୍ବାଚନ କମିଶନଙ୍କ ସୂଚନା ମୁତାବକ ଯେ ଶ୍ରୀ ବାଲେନ ୬୮,୩୪୮ ଭୋଟ ପାଇଛନ୍ତି ।ତାଙ୍କ ବିପକ୍ଷରେ ୭୪ ବର୍ଷୀୟ ଓଲି ୧୮,୭୩୪ ଭୋଟ ପାଇଛନ୍ତି।

# ବାଦୁଡ଼ିଙ୍କୁ ପୂଜା କରନ୍ତି ଗ୍ରାମବାସୀ

*ବାଦୁଡ଼ିମାନେ ଅନ୍ୟତ୍ର ଚାଲିଯିବା ପରେ ଗାଁରେ ଅକାଳ ପଡ଼ିଥିଲା, ଗ୍ରାମବାସୀ ନାନା ରୋଗରେ ପଡ଼ିଥିଲେ ଏବଂ ଚାରିଆଡ଼େ ସଙ୍କଟ ସୃଷ୍ଟି ହୋଇଥିଲା।*



ଦେଶର ବିଭିନ୍ନ ସ୍ଥାନରେ ବାଦୁଡ଼ି ରହିଛନ୍ତି। କେତେକ ସ୍ଥାନରେ ବାଦୁଡ଼ିଙ୍କୁ ଅଶୁଭ ବୋଲି ବିବେଚନା କରାଯାଏ। ତେବେ ବିହାର ମୁଜାଫରପୁର ଜିଲା ଅନ୍ତର୍ଗତ ଛପରା ଗାଁର ବାସିନ୍ଦା ବାଦୁଡ଼ିଙ୍କୁ ପୂଜା କରିଥାନ୍ତି। ଏହି ଗାଁ ନିକଟରେ ଥିବା ଗଛରେ ବହୁସଂଖ୍ୟକ ବାଦୁଡ଼ି ରହିଛନ୍ତି। ଗ୍ରାମବାସୀଙ୍କ ଅନୁଯାୟୀ ବାଦୁଡ଼ି ହେଉଛନ୍ତି ଏହି ଗାଁର ରକ୍ଷକ। ଯଦି କୌଣସି ବ୍ୟକ୍ତି ବାଦୁଡ଼ିଙ୍କୁ ମାରିଥାଏ କିମ୍ବା ହଇରାଣ କରେ ତେବେ ସମଗ୍ର ଗାଁକୁ ବିପତ୍ତି ପଡ଼ିଥାଏ। ଏପରି କରିଥିବା ବ୍ୟକ୍ତିର ଘରେ ବେମାରୀ, କଳିଝଗଡ଼ା ଓ ଆର୍ଥିକ କ୍ଷତି ହୋଇଥାଏ। ଏହି ଗାଁର ବୟସ୍କବ୍ୟକ୍ତିଙ୍କ କହିବାନୁଯାୟୀ ପ୍ରାୟ ଛଅଶହ ବର୍ଷ ପୂର୍ବେ ମେଘ ରାୟ ନାମକ ଜଣେ ବ୍ୟକ୍ତି ଏହି ଗାଁର ସ୍ଥାପନା କରିଥିଲେ। ତାଙ୍କର ୪ ପୁଅ ଥିଲେ। ଧୀରେଧୀରେ ତାଙ୍କ ବଂଶ ବିସ୍ତାର ହୋଇଥିଲା। ସେହି ସମୟରୁ ଗାଁ ନିକଟରେ ଥିବା ଗଛରେ ବାଦୁଡ଼ି ରହି ଆସୁଥିଲେ। ତେବେ ପ୍ରାୟ ଅଢ଼େଇଶହ ବର୍ଷ ତଳେ ଜଣେ ବ୍ୟକ୍ତି ବାଦୁଡ଼ିଙ୍କୁ ଗାଁରୁ ଅନ୍ୟତ୍ର ଘଉଡାଇ ଦେଇଥିଲା। ବାଦୁଡ଼ିମାନେ ଅନ୍ୟତ୍ର ଚାଲିଯିବା ପରେ ଗାଁରେ ଅକାଳ ପଡ଼ିଥିଲା, ଗ୍ରାମବାସୀ ନାନା ରୋଗରେ ପଡ଼ିଥିଲେ ଏବଂ ଚାରିଆଡ଼େ ସଙ୍କଟ ସୃଷ୍ଟି ହୋଇଥିଲା। ସଙ୍କଟ ଦୂର କରିବାକୁ ଗ୍ରାମବାସୀ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଇଥିଲେ। ଏହାବ୍ୟତୀତ ଯେଉଁ ଅଞ୍ଚଳକୁ ବାଦୁଡ଼ିମାନେ ଚାଲି ଯାଇଥିଲେ ସେଠାକୁ ଯାଇ ପୂଜା କରିବା ସହ ପୁନର୍ବାର ଗାଁକୁ ଫେରି ଆସିବାକୁ ବାଦୁଡ଼ିଙ୍କୁ ପ୍ରାର୍ଥନା କରିଥିଲେ। କିଛିସମୟ ପରେ ବାଦୁଡ଼ିମାନେ ଛପରା ଗାଁକୁ ଫେରି ଆସିଥିଲେ। ସେବେଠାରୁ ଏହି ଗାଁରେ ବାଦୁଡ଼ିଙ୍କୁ ଦେବତା ମାନ୍ୟତା ପ୍ରଦାନ କରାଯିବା ସହ ପୂଜାର୍ଚ୍ଚନା ହେଉଛି। ଏହି ଗାଁ ନିକଟ ଗଛରେ ପାଖାପାଖି ୫୦ ହଜାର ବାଦୁଡ଼ି ଅଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ବାଦୁଡ଼ିଙ୍କୁ ପୂଜାର୍ଚ୍ଚନା କରାଯିବା ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି।

# ଧ୍ୟାନ



ସୁସ୍ଥ ଶରୀର ପାଇଁ ବ୍ୟାୟାମ ଓ ଧ୍ୟାନ କରିବା ନିତାନ୍ତ ଆବଶ୍ୟକ। ସାରା ଦିନ ଭଲରେ ବିତିବା ପାଇଁ ସକାଳ ସମୟରେ ଧ୍ୟାନ କରିବା ଏକ ସ୍ୱାସ୍ଥ୍ୟକର ଉପାୟ। କିଛି ସମୟର ଧ୍ୟାନ ଦୁଶ୍ଚିନ୍ତା ସ୍ତରକୁ ସମ୍ପୂର୍ଣ୍ଣ ଭାବେ ହ୍ରାସ କରିଥାଏ। ଚିନ୍ତାକୁ ନିଜ ଠାରୁ ଦୂରେଇ ରଖିବା ପାଇଁ ସଠିକ ନିଷ୍ପତ୍ତି ନେବା ପାଇଁ ଧ୍ୟାନ କରିବା ଖୁବ ସହାୟକ ହୋଇଥାଏ। ଧ୍ୟାନ ଶରୀର ସହ ଜଡିତ ହେଉଥିବା ଏକ ଅଦ୍ଭୁତ ଅଭ୍ୟାସ। ଏହା ହୃଦୟ ଗତିକୁ ନିୟନ୍ତ୍ରଣ ରଖିବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ ଥିବା ସମସ୍ତ ବାଧା ଦୂର କରେ। ନିଜ ବିଚାରକୁ ଉନ୍ନତରୁ ଉନ୍ନତ କରିବାରେ ସହାୟକ ହୋଇଥାଏ। ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ। ମନକୁ ଶାନ୍ତ ଓ ରାଗକୁ ନିୟନ୍ତ୍ରଣରେ ରଖେ। ଧ୍ୟାନ କରିବା ଦ୍ୱାରା ଚିନ୍ତାଧାରା ନିୟନ୍ତ୍ରଣ ହୋଇ ରହିବା ସହ ଏହା ଶରୀରରେ ଏକ ପ୍ରକାର ହରମୋନ୍ ବଢାଇ ଥାଏ। ଯାହା ଦ୍ୱାରା ଆପଣ ସୁସ୍ଥ ଓ ସତେଜ ଅନୁଭବ କରିଥାଆନ୍ତି। ସକାଳେ ଧ୍ୟାନ ନିଶ୍ଚୟ କରନ୍ତୁ। ଏହାଦ୍ୱାରା କାମ ପାଇଁ ଆଗ୍ରହ ଆସିବା ସହ ଚିନ୍ତା କମ ହୋଇଥାଏ। ଧ୍ୟାନ କରିବା ଦ୍ୱାରା ଧୈର୍ଯ୍ୟ ଶକ୍ତି ବୃଦ୍ଧି ହେବା ସହ ପାଗ ପରିବର୍ତ୍ତନ କାରଣରୁ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣକୁ ଶରୀରକୁ ଦୂରେଇ ରଖିଥାଏ। ଶରୀରର ଯନ୍ତ୍ରଣା, ମୁଣ୍ଡବିନ୍ଧା ଆଦି ଦୂର କରିଥାଏ।ମସ୍ତିଷ୍କକୁ ସୁସ୍ଥ ରଖିବାରେ ମଧ୍ୟ ବେଶ ସହାୟକ ହୋଇଥାଏ।

# ଧୈର୍ଯ୍ୟ ରଖିଲେ ମିଳେ ଜ୍ଞାନ



ଥରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନ କହି ସେଠାରୁ ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନ କହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ । ଏହି ଜ୍ଞାନ ତଥାଗତଙ୍କ ଜୀବନର ଉକ୍ତ ପ୍ରସଙ୍ଗ ପ୍ରଦାନ କରିଥାଏ ।

# ଏଭରେଷ୍ଟ ଉଚ୍ଚତା



ବଢି ଚାଲିଛି ପୃଥିବୀର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟ। ସମୁଦ୍ର ପତ୍ତନଠାରୁ ୮.୮୫ କିଲୋମିଟର ଉଚ୍ଚରେ ଥିବା ଏହି ଏଭରେଷ୍ଟର ଉଚ୍ଚତା ବୃଦ୍ଧି ପାଉଥିବା ବୈଜ୍ଞାନିକମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ନେଚର ଜିଓସାଇନ୍ସ ପତ୍ରିକାରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଡିଆନ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟଗୁଡିକ ଧକ୍କା ହେବା ଫଳରେ ପ୍ରାୟ ୫ କୋଟି ବର୍ଷ ହେବ ହିମାଳୟର ଉଚ୍ଚତା ବୃଦ୍ଧି ପାଉଛି। ଏହା ଦ୍ୱାରା ମାଉଣ୍ଟ ଏଭେରେଷ୍ଟ ମଧ୍ୟ ଧୀରେ ଧୀରେ ଉପରକୁ ଉଠୁଛି। ମାତ୍ର ଏହା ଆକଳନଠାରୁ ଦ୍ରୁତ ଗତିରେ ବଢୁଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଚୀନ୍ ୟୁନିଭରସିଟି ଅଫ୍ ଜିଓ ସାଇନ୍ସର ଜିଓ ସାଇଣ୍ଟିଷ୍ଟ ଜିନ୍-ଜେନ ଡାଏଙ୍କ ନେତୃତ୍ୱରେ ହୋଇଥିବା ଏହି ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଆଞ୍ଚଳିକ ନଦୀ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କାରଣରୁ ଏଭରେଷ୍ଟର ଉଚ୍ଚତାରେ ତ୍ୱରିତ ଅଭିବୃଦ୍ଧି ଘଟୁଛି। ପ୍ରାୟ ୮୯ ହଜାର ବର୍ଷ ପୂର୍ବେ କୋସି ନଦୀ ଏବଂ ଅରୁଣ ନଦୀ ମିଶ୍ରିତ ହୋଇଯିବା ଫଳରେ ଏଭରେଷ୍ଟ ଆନୁମାନିକ ୪୯-୧୬୪ ଫୁଟ (୧୫-୫୦ ମିଟର) ବୃଦ୍ଧି ପାଇଥିଲା। ଏହା ଆଇସୋଷ୍ଟାଟିକ୍ ରିବାଉଣ୍ଡ ନାମକ ଏକ ଭୌଗୋଳିକ ପ୍ରକ୍ରିୟା କାରଣରୁ ହୋଇଥାଏ। ନଦୀଗୁଡ଼ିକର ମିଶ୍ରଣ ହେବା ଦ୍ୱାରା ମାଟି ଏବଂ ପଥର ସ୍ତର ଉପରଭାଗକୁ ଚାଲିଆସେ। ଫଳରେ ପୃଥିବୀର ଭୂତଳ ଓଜନ କମିଯାଏ। ଏହା ଠିକ୍ ନଦୀରେ ଡଙ୍ଗା ଏବଂ ଜାହାଜ ଭାସିବା ପ୍ରକ୍ରିୟା ପରି ହୋଇଥାଏ। ଅଧ୍ୟୟନରେ ଆକଳନ କରାଯାଇଛି ଯେ, ଏଭରେଷ୍ଟର ଉଚ୍ଚତା ବର୍ଷକୁ ପ୍ରାୟ ୦.୦୧-୦.୦୨ ଇଞ୍ଚ (୦.୨-୦.୫ ମିଲିମିଟର) ବୃଦ୍ଧି ପାଉଛି। ପବନ, ବର୍ଷା ଏବଂ ନଦୀ ପ୍ରବାହ କାରଣରୁ ଭୂପୃଷ୍ଠର କ୍ଷୟକ୍ଷତି କାରଣରୁ ଏପରି ଘଟୁଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ଏହାର ପ୍ରଭାବରେ ମାଉଣ୍ଟ ଏଭେରେଷ୍ଟର ପଡ଼ୋଶୀ ଗିରିଶୃଙ୍ଗ ଲୋହଟସେ ଏବଂ ମାକାଲୁର ମଧ୍ୟ ଉଚ୍ଚତା ବୃଦ୍ଧି ପାଉଛି। ଅରୁଣ ନଦୀ ନିକଟରେ ଅବସ୍ଥିତ ମାକାଲୁ, ଏଭରେଷ୍ଟ ତୁଳନାରେ ଅଧିକ ବଢ଼ିଛି। ବୈଜ୍ଞାନିକଙ୍କ ଏହି ଅନୁଧ୍ୟାନ ଦର୍ଶାଉଛି ଯେ, କ୍ରମାଗତ ଭାବରେ ପୃଥିବୀର ପରିବର୍ତ୍ତନ ହେଉଛି।

**ଇଣ୍ଡିଆନ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟଗୁଡିକ ଧକ୍କା ହେବା ଫଳରେ ପ୍ରାୟ ୫ କୋଟି ବର୍ଷ ହେବ ହିମାଳୟର ଉଚ୍ଚତା ବୃଦ୍ଧି ପାଉଛି।**



# ରହସ୍ୟମୟ ମନ୍ଦିର

**ଦେଶ-ବିଦେଶର ଶ୍ରଦ୍ଧାଳୁଙ୍କ ଦାନ ଦେଇଥିବା ଟଙ୍କାର ଏହି ମନ୍ଦିରର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ଚାରିପଟେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି।**





ଭାରତରେ ଅନେକ ମନ୍ଦିର ଭରି ରହିଛି। ଏଠାରେ ପ୍ରତି କୋଣ-ଅନୁକୋଣରେ ମନ୍ଦିର ଦେଖିବାକୁ ମିଳିଥାଏ। ଏମିତିରେ ଅନେକ ମନ୍ଦିର ରହିଛି, ଯାହା ଲୋକଙ୍କୁ ଚମତ୍କାରୀ ଏବଂ ରହସ୍ୟମୟ ଲାଗିଥାଏ। ଏମିତି ଏକ ମନ୍ଦିର ବିଷୟରେ ଏଠାରେ ଆଲୋଚନ କରାଯାଇଛି ଯାହା ରହସ୍ୟମୟ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏହାର କାରଣ ମଧ୍ୟ କିଛି ଭିନ୍ନ। କୁହାଯାଏ, ଏଠାରେ ପଥରରେ ହାତ ବାଡେଇଲେ ଡମ୍ବରୁ ଶବ୍ଦ ଶୁଭିଥାଏ। ଏହା ଏକ ଶିବ ମନ୍ଦିର, ଯାହା ବିଷୟରେ କୁହାଯାଏ ଯେ ଏହା ଏସିଆର ସବୁଠାରୁ ଉଚ୍ଚ ଶିବ ମନ୍ଦିର। ଏହି ମନ୍ଦିର ଦେବଭୂମି ହିମାଚଳ ପ୍ରଦେଶର ସୋଲନରେ ରହିଛି। ଯାହା ଜଟାଳୀ ଶିବ ମନ୍ଦିର ନାମରେ ଜଣାଶୁଣା। ଦକ୍ଷିଣ-ଦ୍ରାବିଡୀୟ ଶୈଳୀରେ ନିର୍ମିତ ଏହି ମନ୍ଦିର ଉଚ୍ଚତା ପାଖାପାଖି ୧୧୧ ଫୁଟ ରହିଛି। ମନ୍ଦିରର କାରୁକାର୍ଯ୍ୟ ମଧ୍ୟ ଅତି ଉଚ୍ଚ ଶ୍ରେଣୀର। ମାନ୍ୟତା ଅନୁଯାୟୀ, ପୌରାଣିକ କାଳରେ ଭଗବାନ ଶିବ ଏଠାକୁ ଆସିଥିଲେ ଏବଂ କିଛି ସମୟ ଅତିବାହିତ କରିଥିଲେ। ପରେ ୧୯୫୦ରେ ସ୍ୱାମୀ କୃଷ୍ଣାନନ୍ଦ ପରମହଂସ ନାମକ ଜଣେ ବାବା ଏଠାକୁ ଆସିଥିଲେ, ଯାହାଙ୍କ ମାର୍ଗଦର୍ଶନ ଏବଂ ନିର୍ଦ୍ଦେଶରେ ଜଟାଳୀ ଶିବ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୭୪ ମସିହାରେ ଏହି ମନ୍ଦିରର ମୂଳଦୁଆ ପଡିଥିଲା। ୧୯୮୩ ମସିହାରେ ବାବା ସମାଧି ନେଇଥିଲେ, କିନ୍ତୁ ମନ୍ଦିର କାର୍ଯ୍ୟ ବନ୍ଦ ହୋଇନଥିଲା। ଏହାର ଦେଖାରେଖା କାର୍ଯ୍ୟ ମନ୍ଦିର ପ୍ରବନ୍ଧନ କମିଟି କରିଥିଲା। ମନ୍ଦିର ସଂପୂର୍ଣ୍ଣ ଭାବେ ଶେଷ ହେବା ପାଇଁ ୩୯ ବର୍ଷ ଲାଗିଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। କିନ୍ତୁ ସବୁଠାରୁ ଖାସ୍ କଥା ହେଲା, ଦେଶ ବିଦେଶର ଶ୍ରଦ୍ଧାଳୁଙ୍କ ଦାନ ଦେଇଥିବା ଟଙ୍କାର ଏହି ମନ୍ଦିରର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ଚାରିପଟେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି।

# କଲ୍ୟାଣ ମାର୍ଗ



କୌଣସି ବ୍ୟକ୍ତି କେବେ ହେଲେ ଦୁଃଖୀ ହେବାକୁ ଚାହେଁ ନାହିଁ । ସମସ୍ତେ ପ୍ରତି କ୍ଷଣ ସୁଖ କାମନା କରିଥାନ୍ତି । ମହାଭାରତରେ ପାଣ୍ଡବଙ୍କ ମାତା କୁନ୍ତୀଙ୍କ ବିଷୟରେ ଏକ ପ୍ରସଙ୍ଗ ଉଲ୍ଲେଖ ରହିଛି । ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି, ତାଙ୍କ ଜୀବନରେ ସର୍ବଦା ଦୁଃଖ ଭରି ଦେବାକୁ । କାରଣ ଦୁଃଖ ଏବଂ ସଙ୍କଟ ସମୟରେ ସର୍ବଦା ଭଗବାନ ମନେ ପଡ଼ିଥାନ୍ତି । ସୁଖ ସମୟରେ ମନୁଷ୍ୟ ଭଗବାନଙ୍କୁ ଭୁଲି ଯାଇଥାଏ । ଅନେକ ଦାର୍ଶନିକ ମତବ୍ୟକ୍ତ କରିଥାନ୍ତି ଯେ ଅନ୍ଧକାର ବିନା ଆଲୋକର ଅନୁଭୂତି ହୋଇନଥାଏ । ସେହିପରି ଦୁଃଖ ବିନା ସୁଖର ମହତ୍ତ୍ୱ ଜଣାପଡ଼ିନଥାଏ । ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, 'ମାୟା ସ୍ୱର୍ଶସ୍ତୁକୌନ୍ତେୟ ଶୀତୋଷ୍ଣୋସୁଖଦୁଖଦା । ଅର୍ଥାତ୍ ହେ ଅର୍ଜୁନ, ଶୀତଳତା-ଉଷ୍ଣତା, ସୁଖ-ଦୁଃଖ ଅନ୍ତଃକରଣର ଧର୍ମ ଅଟେ । ଯେତେବେଳେ ଆମେ ଅନ୍ତଃକରଣ ଛାଡ଼ି ଏପରି ଏକ ସ୍ଥାନକୁ ଚାଲିଯାଇଥାଉ ଯେଉଁଠାରେ ଜଗତର ଅନୁଭୂତି ହୋଇନଥାଏ, ସେଠାରେ ସୁଖ-ଦୁଃଖ ରହିନଥାଏ, କେବଳ ସେହିଠାରେ ହିଁ ପରମାନନ୍ଦ ପ୍ରାପ୍ତି ହୋଇଥାଏ । ସୁଖ-ଦୁଃଖକୁ କ୍ଷଣିକ ବୋଲି ମାନିନେବା ଉଚିତ୍ । ଥରେ ଏକ ଆଶ୍ରମରେ ଜଣେ ବାବା ସତ୍‌ସଙ୍ଗ କରିବା ପାଇଁ ପହଞ୍ଚିଲେ । ଜଣେ ଭକ୍ତ ବାବାଙ୍କୁ ପଚାରିଲା, ପରମେଶ୍ୱର ତ' ସଚ୍ଚିଦାନନ୍ଦ, ହେଲେ ସେ ପ୍ରାଣୀଙ୍କୁ ଦୁଃଖ କାହିଁକି ଦେଇଥାନ୍ତି ? ବାବା କହିଲେ, ଦୁଃଖ ହିଁ ମନୁଷ୍ୟ ପାଇଁ କଲ୍ୟାଣର ମାର୍ଗ ପ୍ରଶସ୍ତ କରିଥାଏ । ଦୁଃଖ ଆସିବା କ୍ଷଣି ମଣିଷ ଭାବିଥାଏ ଯେ ଅସଂଯମ ଏବଂ ଅନୀତି ଦ୍ୱାରା ମୁଁ ଦୁଃଖକୁ ଆମନ୍ତ୍ରିତ କରିଛି ।

# ମହାନ ଭକ୍ତ ରାମକୃଷ୍ଣ



ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ଶ୍ରୀରାମକୃଷ୍ଣ ପରମହଂସ ଜଣେ ମହାନ ସନ୍ଥ ଥିଲେ । ସେ ପିଲାଟି ଦିନରୁ ମା'କାଳୀଙ୍କ ପ୍ରତି ନିଜକୁ ସମର୍ପି ଦେଇଥିଲେ । ସେ ଦିନରାତି ସର୍ବଦା ମା'କାଳୀଙ୍କ ଧ୍ୟାନରେ ବୁଡ଼ି ରହୁଥିଲେ । ମା'ଙ୍କୁ ଦର୍ଶନ କରିବା ସହ ତାଙ୍କରି ଭକ୍ତିରେ ନିଜକୁ ହଜାଇଦେଇଥିଲେ । ସେ ନିଜ ଜୀବନରେ ମା'କାଳୀଙ୍କ ଉପାସନା କରି ସିଦ୍ଧି ପ୍ରାପ୍ତ କରିଥିଲେ । ସେ ମା'କାଳୀଙ୍କ ସହିତ ସେମିତି କଥାବାର୍ତ୍ତା କରୁଥିଲେ, ଯେମିତି ଜଣେ ପୁତ୍ର ନିଜ ମାତାଙ୍କ ସହିତ କଥାବାର୍ତ୍ତା ହୋଇଥାଏ । ରାମକୃଷ୍ଣ ପରମହଂସଙ୍କ ପାଇଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ମା'ଙ୍କ ଧ୍ୟାନରୁ ବିଚ୍ୟୁତ ହେବା ଅସହ୍ୟ ହେଉଥିଲା । ଏପରିକି ରାମକୃଷ୍ଣ ଜାଗୃତ ତଥା ସ୍ୱପ୍ନ ଅବସ୍ଥାରେ ମା'କାଳୀଙ୍କୁ ଦର୍ଶନ କରୁଥିଲେ । ଥରେ ରାମକୃଷ୍ଣ ମା'କାଳୀଙ୍କୁ ପ୍ରାର୍ଥନା କରିବା ସହ ପୂର୍ଣ୍ଣ ସ୍ୱରୂପରେ ଦର୍ଶନ ଦେବାକୁ ମାତାଙ୍କୁ ନିବେଦନ କଲେ । ଏହାପରେ ମାତା ସ୍ୱପ୍ନରେ ଦର୍ଶନ ଦେଇ କହିଲେ ଯେ କେବଳ ସଦ୍‌ଗୁରୁଙ୍କୁ ଦର୍ଶନ ଦ୍ୱାରା ତାଙ୍କୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିହେବ । ଦେବଯୋଗରେ ଜଣେ ବ୍ରାହ୍ମଣୀ ଭୈରବୀ କିଛିସମୟ ପରେ ରାମକୃଷ୍ଣଙ୍କ ନିକଟକୁ ଆସିଲେ । ସେ ରାମକୃଷ୍ଣଙ୍କୁ ତନ୍ତ୍ର ଦୀକ୍ଷା ଦେଇ ତାଙ୍କୁ ତନ୍ତ୍ରବିଦ୍ୟାର ଉଚ୍ଚତର ସୋପାନ ସହ ପରିଚିତ କରାଇଲେ । ଏହାପରେ ରାମକୃଷ୍ଣ ନିଜ ଗୁରୁ ତୋତାପୁରୀ ମହାରାଜଙ୍କୁ ଭେଟିଲେ । ସେ ରାମକୃଷ୍ଣଙ୍କୁ ନିଜ ଶିଷ୍ୟ ରୂପେ ଗ୍ରହଣ କଲେ ।

# ପିଅନ୍ତୁ ନାହିଁ ଅଧିକ ନଡ଼ିଆ ପାଣି

## ପଡ଼ିପାରେ ପାର୍ଶ୍ୱ ପ୍ରଭାବ

*ନଡ଼ିଆ ପାଣି ଉଚ୍ଚ ରକ୍ତ ଚାପ କମ୍ କରିଥାଏ। ଏଥିପାଇଁ ଡାକ୍ତର ପିଇବାକୁ ପରାମର୍ଶ ଦେଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କର ଲୋ' ବ୍ଲଡ୍ ପ୍ରେସର ଥିବ, ସେମାନେ ଅତ୍ୟଧିକ ନଡ଼ିଆ ପିଇବା ଦ୍ୱାରା ସେମାନଙ୍କ ପାଇଁ ହାନିକାର ସାବ୍ୟସ୍ତ ହୋଇଥାଏ।*



ନଡ଼ିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକାର ହୋଇଥାଏ। ଏଥିରେ ବହୁ ଔଷଧୀୟ ଗୁଣ ରହିଛି। ଏଥିପାଇଁ ଅନେକ ଲୋକ ନଡ଼ିଆ ପାଣି ପିଇବାକୁ ଭଲ ପାଇଥାନ୍ତି। ହେଲେ କିଛି ନିର୍ଦ୍ଦିଷ୍ଟ ରୋଗରେ ପୀଡିତ ଲୋକଙ୍କୁ ଅଧିକ ନଡ଼ିଆ ପିଇବାକୁ ଡାକ୍ତର ବାରଣ କରିଥାନ୍ତି। କାହିଁକିନା ଅଧିକ ନଡ଼ିଆ ପାଣି ପିଇବା ଦ୍ୱାରା ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଏଥର ଜାଣିବା, ଅଧିକ ନଡ଼ିଆ ପାଣି ପିଇବା କେଉଁ ମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ନଡ଼ିଆ ପାଣିରେ ପୋଟାସିୟମ ଅଧିକ ରହିଥାଏ। ଯଦି ଜଣେ ବ୍ୟକ୍ତି ଆବଶ୍ୟକରୁ ଅଧିକ ନଡ଼ିଆ ପାଣି ପିଇଥାଏ, ତାହାହେଲେ ଶରୀରରେ ଥିବା ଇଲେକ୍ଟ୍ରୋଲାଇଟ୍ସ ସନ୍ତୁଳନ ବିଗିଡ଼ି ଯାଇପାରେ। ଏଥିସହ ଯଦି ଜଣେ ମଧୁମେହ ରୋଗୀ ଅଧିକ ପରିମାଣରେ ନଡ଼ିଆ ପାଣି ପିଇଥାଏ,ତାହାହେଲେ ତାର ବ୍ଲଡ୍ ସୁଗାର ଲେଭୁଲ ବଢ଼ିଯିବାର ସମ୍ଭାବନା ରହିଛି। ଅତ୍ୟଧିକ ନଡ଼ିଆ ପାଣି ପିଇବା ଦ୍ୱାରା କିଡନୀ ଉପରେ ପ୍ରଭାବ ପକାଇଥାଏ। କିଡନୀ ଫଙ୍କସନ୍ ଉପରେ ଖରାପ ପ୍ରଭାବ ପକାଇଥାଏ । ନଡ଼ିଆ ପାଣି ଉଚ୍ଚ ରକ୍ତ ଚାପ କମ୍ କରିଥାଏ। ଏଥିପାଇଁ ଡାକ୍ତର ପିଇବାକୁ ପରାମର୍ଶ ଦେଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କର ଲୋ' ବ୍ଲଡ୍ ପ୍ରେସର ଥିବ, ସେମାନେ ଅତ୍ୟଧିକ ନଡ଼ିଆ ପିଇବା ଦ୍ୱାରା ସେମାନଙ୍କ ପାଇଁ ହାନିକାର ସ୍ୟାବସ୍ତ ହୋଇଥାଏ। ଏଥିପାଇଁ ଲୋ' ବ୍ଲଡ୍ ପ୍ରେସର ଥିବା ବ୍ୟକ୍ତିମାନେ ଅତ୍ୟଧିକ ନଡ଼ିଆ ପାଣି ଉଚିତ ନୁହେଁ। ନଡ଼ିଆ ପାଣି ପିଇବା ଦ୍ୱାରା ଶରୀର ଅନ୍ତନଳୀ ଉପରେ ଖରାପ ପ୍ରଭାବ ପକାଇପାରେ। ଯଦି ପେଟ ଯନ୍ତ୍ରଣା ଭଳି ସମସ୍ୟା ଥିବ ତାହାହେଲେ ଅତ୍ୟଧିକ ନଡ଼ିଆ ପାଣି ପିଅନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ।

## ଗ୍ରାମ୍ୟ ପରିବେଶରେ ଆଉ ଦେଖାଯାଉନାହିଁ ଓଡ଼ିଆ ପାଞ୍ଜି ପଠନ

### ||||||||| ହଜିବାକୁ ବସିଛି ପରମ୍ପରା |||||||||

ଭାପୁର,(ନିପ୍ର): ଆଧୁନିକତାର ଦ୍ୱାହି ଦେଇ ଅତୀତରେ ପ୍ରଚଳିତ ଅନେକ ପରମ୍ପରା ଓ ଘଟଣାପ୍ରବାହ ସମୟର ଚକରେ ପେଷିହୋଇ ଆଜି ଗାଁ ପରିବେଶରୁ ବିଲୁପ୍ତ ପ୍ରାୟ ଅନେକ କିମ୍ବଦନ୍ତୀ ଆଜିକାଲି ପିଲାଙ୍କ ପାଇଁ ଇତିହାସ ହେବାକୁ ବସିଛି । ସେଥିମଧ୍ୟରୁ,ଦୋଳପୂର୍ଣ୍ଣମୀରେ ପ୍ରତି ଗାଁ ଗାଁରେ ଓଡ଼ିଆ ପାଞ୍ଜି ପଠନ ବିଲୀନ ଅବସ୍ଥା କୁ ଚାଲି ଆସିଥିବାବେଳେ ବରିଷ୍ଠ ନାଗରିକମାନେ ଏହାର ସ୍ମୃତିଚାରଣ କରୁଛନ୍ତି ।

ନୟାଗଡ଼ ଜିଲ୍ଲା ଖଣ୍ଡପଡା ରାଜବଂଶର ଦାୟାଦ ତଥା ପଠାଣି ସାମନ୍ତ ରୂପେ ପରିଚିତ ସାମନ୍ତ ଚନ୍ଦ୍ରଶେଖର ସିଂହ ସାମନ୍ତ ଦୁଇ ଖଣ୍ଡି କାଠି ସାହାର୍ଯ୍ୟରେ ନିର୍ଭୁଲ ଗଣନା କରିପାରିଥିବା ପଞ୍ଜିକାକୁ ତାଙ୍କ ନାମ ଅନୁସାରେ ‘ପଠାଣି ସାମନ୍ତ ପଞ୍ଜିକା’ ରାଜ୍ୟ ତଥା ଭାପୁର ଓ ଖଣ୍ଡପଡା ବ୍ଲକର ଘରେ ଘରେ ପରିଚିତ । ପଣାସଂକ୍ରାନ୍ତି ଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହେଉଥିବାବେଳେ ଦୋଳପୂର୍ଣ୍ଣମୀ ଠାରୁ ଏହି ନୂତନ ପାଞ୍ଜି ଉନ୍ମୋଚିତ ହୋଇଥାଏ । କୋଟି ଓଡ଼ିଆଙ୍କ





ମଉଡମଣୀ ଶ୍ରୀଜଗନ୍ନାଥଙ୍କ ପୂଜାବିଧି ଓ ରୀତିନୀତି ଏହି ନୂତନ ପଞ୍ଜିକାର ଗଣନା ଅନୁସାରେ ହୋଇଥାଏ ।

ସେହିଭଳି ପ୍ରତିଟି ଓଡ଼ିଆଙ୍କ ବିବାହ,ବ୍ରତ,ସମସ୍ତ ପୂଜା,ଘର ପ୍ରତିଷ୍ଠା ଆଦି ଶୁଭ କାର୍ଯ୍ୟ ଏହି ନୂତନ ପଞ୍ଜିକା ଗଣନା ଅନୁସାରେ ହୋଇଥାଏ ।ନୂତନ ପାଞ୍ଜି ଛପା ହେଲା ପରେ ଦୋଳ ପୂର୍ଣ୍ଣମୀ ଠାରୁ ପ୍ରତି ଗାଁ ମାନଙ୍କର ସାହିରେ ଅବସ୍ଥିତ କୋଠଘର ତଥା ଠାକୁରଙ୍କ ବିଜେସ୍ଥଳୀ ମାନଙ୍କରେ ନାହାକ ପୁଅ ନୂତନ ପାଞ୍ଜି ପଠନ କରିଥାଏ । ଏହି ପାଞ୍ଜି ପଢା ସମୟରେ ସାହିର ମୁରବି ତଥା ସାହିଲୋକ ବସି ଶୁଣିଥାନ୍ତି । ସାହି ଲୋକମାନେ ରାଜ୍ୟ ତଥା ନିଜ ଗ୍ରାମର ଭବିଷ୍ୟତ କଥା ଜାଣିବା ସହିତ ଆସନ୍ତା ବର୍ଷକୁ କୃଷି କିପରି ଉତ୍ପାଦନ ହେବ । କୃଷିର କଡାଗଣ୍ଡା କାହା ହାତରେ ରହିବ ଆଦି ସମସ୍ତ ତଥ୍ୟ ଜାଣିଥାନ୍ତି । ଧୀରେ ଧୀରେ ଏହି ପ୍ରଥା ବନ୍ଦ ହେବାକୁ ବସିଥିବାବେଳେ ହାତଗଣତି ଭାପୁର ବ୍ଲକର ଅନେକ ଗ୍ରାମାଞ୍ଚଳରେ ଅତୀତର ଛାପା ଦେଖିବାକୁ ମିଳୁଛି । କିନ୍ତୁ,ଆଗାମୀ କିଛି ବର୍ଷରେ ଏହି ପାଞ୍ଜି ପଢା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ବରିଷ୍ଠ ନାଗରିକମାନେ ପ୍ରକାଶ କରିଛନ୍ତି ।

## ଡିଆ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଓ ପ୍ରଯୁକ୍ତି ମେଳା ଆକର୍ଷଣର କେନ୍ଦ୍ରବିନ୍ଦୁ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଧୁମଧାମରେ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ଶିକ୍ଷାମୂଳକ, ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ କୃତିତ୍ୱ ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।




ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଙ୍ଗି ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ ନୀତି, ଶୃଙ୍ଖଳା ଓ ସମାଜିକ ମୂଲ୍ୟବୋଧକୁ ଅଙ୍ଗୀକାର କରି ଭବିଷ୍ୟତରେ ଦେଶର ସୁନାଗରିକ ହେବା ପାଇଁ ପ୍ରେରଣାଦାୟକ ଉପଦେଶ ଦେଇଥିଲେ ।

ସେ କହିଥିଲେ ଯେ ଶିକ୍ଷା ହେଉଛି ମାନବ ଜୀବନର ସର୍ବୋତ୍କୃଷ୍ଟ ଶକ୍ତି, ଯାହା ଦ୍ୱାରା ଜୀବନରେ ସଫଳତା ଅର୍ଜନ କରିହେବ । ବିଦ୍ୟାଳୟ ଆଲୁମିନି କମିଟି ସଦସ୍ୟ ରାମ ନାରାୟଣ ଦାଶ,ସମ୍ପାଦକ ଶରତ ସାହୁ, ପ୍ରଧାନ ଶିକ୍ଷିକା ରେଣୁବାଳା ବେହେରା, ନାଏବ ସରପଞ୍ଚ ପୁଷ୍ପଲତା ଦାଶ, ବ୍ୟଙ୍ଗକବି ଅମ୍ଳାନ ପ୍ରହରାଜ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର,ସୋମନାଥ ବେହେରା,ଅମର ଜୟସି,ପ୍ରସନ୍ନ କୁମାର ପଣ୍ଡିତ,କବିଲତା ଦାଶ,ଅନୁସୂୟା ଦେଇ,ଧନେଶ୍ୱର ସାହୁ । ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ଏକ ଆକର୍ଷଣୀୟ ବିଜ୍ଞାନ ଓ ପ୍ରଯୁକ୍ତି ମେଳା ମଧ୍ୟ ଆୟୋଜିତ ହୋଇଥିଲା । ଏହି ମେଳାରେ ଛାତ୍ରଛାତ୍ରୀମାନେ ନିଜ ନିଜ ସୃଜନଶୀଳତା ଓ ନବଚିନ୍ତନର ପରିଚୟ ଦେଇ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ଓ ମଡେଲ୍ ପ୍ରଦର୍ଶନ କରିଥିଲେ, ଯାହା ଉପସ୍ଥିତ ଅତିଥି ଓ ଅଭିଭାବକମାନଙ୍କର ବିଶେଷ ପ୍ରଶଂସା ସାଉଁଟି ଥିଲା । ସମଗ୍ର କାର୍ଯ୍ୟକ୍ରମଟି ଉତ୍ସାହ ଓ ଆନନ୍ଦମୟ ପରିବେଶ ମଧ୍ୟରେ ସଫଳତାର ସହିତ ସମାପ୍ତ ହୋଇଥିଲା । ଅମ୍ଳାନ ପ୍ରହରାଜ ପରିଶେଷରେ ଧନ୍ୟବାଦ ଦେଇଥିଲେ ।

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ରାୟଗଡା,(ନି :ପ୍ର ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଞ୍ଜନା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା-୦୮ ରିଖ ମାର୍ଚ୍ଚ ମାସ ରବିବାର ଘ.୧୦.୩୦ମି ସମୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ, ରାୟଗଡା ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ତରଫରୁ “ଆନ୍ତର୍ଜାତୀୟ ମହିଳା ଦିବସ” ପାଳିତ ହୋଇଯାଇଛି । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର, ମହିଳା କୋର୍ଟର ବିଚାରପତି ତଥା ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସସ୍ମିତା ମିଶ୍ର, ରାୟଗଡା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାଏକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ




ଅଫିସର ପ୍ରଣ୍ଟଅଫିସ ରିଟେନର ଶୁଭ୍ରାକାନ୍ତି ବେହେରା ଓ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ମହିଳା ମହାବିଦ୍ୟାଳୟ, ରାୟଗଡାର ଅଧ୍ୟକ୍ଷ, ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ଓ ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ମହିଳାମାନେ ଓ ଶିଶୁମାନେ କିପରି ଯୌନ ନିର୍ଯ୍ୟାତନାର ସୀକାର ହେଉଛନ୍ତି ଏବଂ ତାର ପ୍ରତିକାର ପାଇଁ କିପରି ଆଇନର ବ୍ୟବସ୍ଥା ଅଛି ତାହା ପିଲାମାନଙ୍କୁ ବିସ୍ତୃତରେ ବୁଝାଇଥିଲେ । ଏଥି ସହିତ ବାଲ୍ୟ ବିବାହ, ଯୌତୁକ ନିର୍ଯାତନା, ଘରୋଇ ହିଂସା ଆଇନ, ପୋକ୍ସ ଆକ୍ଟ, ପି.ସି. ପି.ଏନ୍.ଡି.ଟି ଆକ୍ଟରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,(ନିପ୍ର): ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ତରେଇଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଓ କମ ବିଆରସିସି ସିଦ୍ଧେଶ୍ୱର କରଣ ରାଜ୍ୟ ବିଜେପି କୋଡିନେଟର ଦୁଷ୍ମନ୍ତ କୁମାର ନାୟକ, ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ମୁଖ୍ୟ ବକ୍ତା ଭାବେ ଓସ୍ଥା ସଭାପତି କାଶିନାଥ ଜେନା ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋଚିରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ଅବଶିଷ୍ଟ ଜୀବନ ଖୁସିରେ ଅତିବାହିତ ହେବାକୁ ପ୍ରାର୍ଥନା କରିଥିଲେ ।

## ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ମଧ୍ୟରେ ଥିବା ପାର୍ତ୍ତଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ କାଶୀନଗର ତହସିଲଦାର ସୁଧୀର କୁମାର ନନ୍ଦ, ଗୋଷ୍ଠୀ



ଉନ୍ନୟନ ଅଧିକାରୀ ଡ଼ମ୍ବୁରୁ ଧର ମଲ୍ଲିକ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇମ୍ମା, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ମଂଚାସୀନ ହୋଇ ପଞ୍ଚାୟତବାସୀଙ୍କ ଠାରୁ ପ୍ରାୟ ୪୫ ଗୋଟି ଅଭିଯୋଗ ଶୁଣାଣି କରି ତୁରନ୍ତ ସେଗୁଡିକୁ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ କାଶୀନଗର ବ୍ଲକର ସବୁ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## କଲେଜ ହଷ୍ଟେଲ ଛାତ୍ରଙ୍କ ଅସନ୍ତୋଷ, ୩ ଦିନ ଖାଇନାହାନ୍ତି !

ନିମାପଡ଼ା,(ନିପ୍ର): ନିମାପଡ଼ା କଲେଜ ଛାତ୍ରଙ୍କ ମଧ୍ୟରେ ହଷ୍ଟେଲ ପରିଚାଳନା ତ୍ରୁଟି ଏବଂ ନିମ୍ନମାନର ଖାଦ୍ୟ ପରିବେଷଣ ଯୋଗୁ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ଗତ ୩ ଦିନ ହେଲା ହଷ୍ଟେଲ ପିଲାମାନେ ଖାଦ୍ୟ ଖାଇ ନ ଥିବା ଅଭିଯୋଗ କରି ଅଧ୍ୟକ୍ଷାଙ୍କୁ ଦାୟୀ କରିଥିବା ଗଣମାଧ୍ୟମକୁ କହିଥିଲେ । ଦୀର୍ଘ ୨ ମାସ ଧରି



ନିମ୍ନମାନର ଖାଦ୍ୟ ପରିବେଷଣ ସହ ଛାତ୍ରମାନଙ୍କ ଅଭିଯୋଗ ପ୍ରତି କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରିବା ପରିତାପର ବିଷୟ । ଫଳରେ ଛାତ୍ରମାନେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରତିକାର ନିମନ୍ତେ ଦାବି କରିଥିଲେ । ହଷ୍ଟେଲ ଅଧୀକ୍ଷକ କୌଣସି ସମୟରେ ଛାତ୍ରମାନେ ସହ ଖାଦ୍ୟ ସଂପର୍କରେ ଆଲୋଚନା କରି ନାହାନ୍ତି କିମ୍ବା ଛାତ୍ରମାନଙ୍କ ଅଭିଯୋଗ ପ୍ରତି ଧ୍ୟାନ ଦେଇ ନାହାନ୍ତି ବୋଲି ଅନ୍ତେବାସୀମାନେ କୋହଭରା କଣ୍ଠରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏ ସଂକ୍ରାନ୍ତରେ ଅଧ୍ୟକ୍ଷାଙ୍କୁ ପଚାରିବାରେ ପ୍ରତ୍ୟେକ ଅନ୍ତେବାସୀ ମାସକୁ ୧୮୦୦ ଟଙ୍କା ଦେଇ ଦୁଇଟି ମିଲ୍ ଖାଇଥିବା ସୂଚନା ଦେଇ ଅଧିକ ପଇସା ଦେଲେ ଭଲ ଖାଇବାକୁ ଦିଆଯିବ ବୋଲି କହିଥିଲେ । ୩ଟି ହଷ୍ଟେଲରେ ୭୦ ଜଣ ଛାତ୍ର ରହୁଥିବା ସୂଚନା ଦେଇଥିଲେ ।

## ଦୀର୍ଘ ବର୍ଷର ରାସ୍ତା ନିର୍ମାଣ ଦାବି ହେଲା ପୂରଣ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକ ସୀତାପୁର ପଞ୍ଚାୟତ ଅନ୍ତର୍ଗତ ସୀଙ୍ଗିପୁରଗୁଡ଼ା ଗ୍ରାମକୁ ମୁଖ୍ୟ ରାସ୍ତାକୁ ଯିବାଆସିବା ପାଇଁ ରାସ୍ତା ହୋଇନଥିଲା । ଭାରତ ସ୍ୱାଧୀନ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ଗାଁକୁ ରାସ୍ତାଟିଏ ନଥିଲା । ମୁଖ୍ୟତଃ ଉଭୟ ଓଡ଼ିଶା ଆନ୍ଧ୍ର ବିବାଦ ଲାଗି ରହିଥିଲା, ମୁଖ୍ୟ ରାସ୍ତାକୁ ଯିବାକୁ ହେଲେ ଆଣ୍ଠୁଏ କାଦୁଅ ଉପର ଦେଇ ଯିବାକୁ ପଡୁଥିଲା, ରାତି ଅଧିଆ କୌଣସି ଲୋକଙ୍କ ଦେହ ଖରପା ହେଲେ କିମ୍ବା ଗର୍ଭବତୀ ମହିଳାଙ୍କ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଛାତ୍ରଛାତ୍ରୀମାନେ ବର୍ଷା ଦିନରେ ବିଦ୍ୟାଳୟ ଯିବା ଆସିବା ବହୁତ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଥିଲା,ଏହି ସବୁ ବିଷୟ ଯେବେଠାରୁ ଠାରୁ ରୁପେଶ ପାଣିଗ୍ରାହୀ ବିଧାୟକ ହେଲେ ଓ ଜାଣିଲେ ସେ ପ୍ରତିଶ୍ରୁତି ଦେଇଥିଲେ କି ନିଶ୍ଚିତ ଭାବେ ଏହି ଗ୍ରାମକୁ ରାସ୍ତା କରିବେ ।



ସ୍ଥାନୀୟ ସରପଞ୍ଚ ତେଜେଶ୍ୱର୍ ରାଓ ବହୁବାର ପ୍ରଶାସନକୁ ଅଭିଯୋଗ କରି ଆସୁଥିଲେ, କିନ୍ତୁ କୌଣସି କାର୍ଯ୍ୟକାରୀ ହେଉନଥିଲା, ବିଧାୟକଙ୍କୁ ଅବଗତ କରିବା ପରେ ସେ ଉଭୟ ରାଜ୍ୟର ପ୍ରଶାସନକୁ ଅବଗତ କରାଇ,ରାସ୍ତା କାମ ପାଇଁ ଅର୍ଥ ମଞ୍ଜୁର କରି, ୬ ଲକ୍ଷ୍ୟ ଅଟକଳରେ ରାସ୍ତା କାମର ଆରମ୍ଭ ବିଧାୟକଙ୍କ ଦ୍ୱାରା କରାଗଲା । ଏଭଳି କାର୍ଯ୍ୟ କରିଥିବାରୁ ସ୍ଥାନୀୟ ଲୋକେ ବିଧାୟକ ଓ ସରପଞ୍ଚଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ପଦଯାତ୍ରା




ପାରଳାଖେମୁଣ୍ଡି,(ନିପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓ ଗଜପତି ଜିଲ୍ଲା ପ୍ରଶାସନଙ୍କ ଅନୁମୋଦନ କ୍ରମେ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ, ନିଶା ମୁକ୍ତ ଭାରତ ଅଭିଯାନର ନିଶା ସେବନର କୁପ୍ରଭାବ ଉପରେ ଆଲୋକପାତ କରି ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ରାଲି ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗଜପତି ଠାରେ ଶେଷ ହୋଇଥିଲା ।

ଏଥିରେ ସ୍କୁଲ ଏବଂ କଲେଜ ଛାତ୍ର ଓ ଛାତ୍ରୀ, “ଜୀବନ କିରଣ” ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ସମନ୍ୱିତ ଥଇଥାନ କେନ୍ଦ୍ରର କର୍ମଚାରୀ, ଏନ୍.ସି.ସି କ୍ୟାଡେଟ୍, ଗଜପତିର ତୃତୀୟ ଲିଙ୍ଗୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଉତ୍ସର୍ଗୀତା ବଡରଇତ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗଜପତି, ଏଲ୍.ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ପାରଳାଖେମୁଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମଚାରୀ ଏବଂ ଅନ୍ୟାନ୍ୟ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ପାର୍ଶ୍ୱରୁ ଜବର ଦଖଲକାରୀଙ୍କୁ ହଟାଗଲା

ନିମାପଡ଼ା,(ଆପ୍ର): ନିମାପଡ଼ା-ପିପିଲି ରାସ୍ତାର ତଳଅଣ୍ଠିଆ ଛକ ନିକଟରେ ତହସିଲ ପ୍ରଶାସନ ପକ୍ଷରୁ ଜବର ଦଖଲକାରୀଙ୍କୁ ହଟା ଯାଇଛି । ଉକ୍ତ ରାସ୍ତାର ଉନ୍ନତୀକରଣ ଏବଂ କୋଣାର୍କ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱକୁ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବାରୁ ରାସ୍ତା ପାର୍ଶ୍ୱରୁ ଜବର ଦଖଲକାରୀଙ୍କୁ ହଟା ଯାଇଛି ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି । ପିପିଲିରୁ ରେଂଚଶାସନ ପର୍ଯ୍ୟନ୍ତ ଉକ୍ତ ରାସ୍ତାକୁ ପ୍ରଶସ୍ତ କରାଯାଇଥିବା ବେଳେ ନିମାପଡ଼ା ପର୍ଯ୍ୟନ୍ତ ପ୍ରଶସ୍ତ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଜବର ଦଖଲକାରୀଙ୍କୁ ହଟାଯିବା ପରେ ରାସ୍ତା ଚଉଡ଼ା କରାଯିବା ସହିତ



ଡ଼ିଭାଇଡ଼ର ମଧ୍ୟ ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି । ନିମାପଡ଼ା ଏନ୍ଏସି ଅଂଚଳ ତଳଅଣ୍ଠିଆ ଠାରୁ ଆରମ୍ଭ ହୋଇଥିବାରୁ ପ୍ରଥମେ ସେହି ଠାରୁ ରାଜ୍ୟ ରାଜପଥର ଦୁଇ ପାର୍ଶ୍ୱରେ ସରକାରୀ ଜମି ଜବର ଦଖଲ କରିଥିବା ବ୍ୟକ୍ତିଙ୍କୁ ହଟାଯିବା କାର୍ଯ୍ୟାରମ୍ଭ ହୋଇଛି । କେତେକ ବ୍ୟକ୍ତିଙ୍କୁ ପୂର୍ବ ସୂଚନା କିମ୍ବା ନୋଟିସ୍ ଦିଆ ନଯାଇ ତାଙ୍କୁ ବେଦଖଲ କରାଯିବା ସହିତ କ୍ୟାବିନ୍ ସବୁ ରାସ୍ତା କଡ଼ରୁ ପେଲି ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି । ଏଥି ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖାଦେଇଛି । ମୁରବୀ ଶ୍ରେଣୀୟ ବ୍ୟକ୍ତିମାନ ତହସିଲଦାର ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଏନ୍ଏସି)ଙ୍କୁ ସାକ୍ଷାତ କରି କ୍ଷୟକ୍ଷତିର ଭରଣା ପାଇଁ ଦାବି କରିଥିବା ସୂଚନା ଦେଇଥିଲେ । ଶୁକ୍ରବାର ଦିନ ଗୋଲେଇ ଛକରୁ ୫୦ କ୍ୟାବିନ୍ ହଟା ଯାଇଥିବା ତହସିଲଦାରଙ୍କ ଠାରୁ ପ୍ରକାଶ ।

## ଚାଷୀଙ୍କୁ କନ୍ଦାଇଲା ବିଲାତି ଦର



କାଶୀନଗର,(ନିପ୍ର): କାଶୀନଗର ଅଞ୍ଚଳର ବହୁ ଚାଷୀ ବିଭିନ୍ନ ପ୍ରକାର ପନିପରିବା ଯେଭଳି କୋବି, ମକା, ଟମାଟ, ଛୁଇଁ, ଶାଗ, ବାଇଗଣ, ଚାଷ କରି ନିଜ ପରିବାର ଭରଣ ପୋଷଣ କରି ଆସୁଛନ୍ତି । କାଶୀନଗର ହେଉଛି ପରିବା ବଜାରର ଗୋଟେ ହବ୍ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରୁ ବିଭିନ୍ନ ରକମର ପନିପରିବା କୋରାପୁଟ, ରାୟଗଡା, ଗଞ୍ଜାମ ସହ ଆନ୍ଧ୍ରକୁ ରପ୍ତାନି ହେଉଛି । ଚାଷୀମାନେ ଆରମ୍ଭରେ ବିଲାତିର ଦର ବେଶ ଭଲ ଥିଲା ବୋଲି ବହୁ ଚାଷୀ ଏହି ଚାଷ କରିବା ପାଇଁ ମନ ବଳେଇ ନିଜ ନିଜ ଜମିରେ ବିଲାତି ଚାଷ କରିଥିଲେ । କିନ୍ତୁ ବର୍ତ୍ତମାନ ବିଲାତି ଆମଦାନୀ ହେଲା ବେଳେ କିଲୋ ପିଛା ଦୁଇ ଟଙ୍କା ବା ଗୋଟେ ଟ୍ରେ ଯେଉଁଥିରେ ପ୍ରାୟ ପଚିଶି କିଲୋ ଟମାଟ ଥାଏ । ତାର ଦାମ ହେଉଛି ମାତ୍ର ପଚାଶ ଟଙ୍କା ହୋଇଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ଶିକାର ହେଉଥିବା ଦୃଷ୍ଟିକୁ ଆସିଛି । ବର୍ତ୍ତମାନ ଏତେ କମ୍ ଦାମରେ ଚାଷୀମାନେ ବିକ୍ରି କଲେ ମଧ୍ୟ ଟମାଟର ଚାହିଦା ନ ଥିବାରୁ ଗ୍ରାହକମାନେ କିଣିବାକୁ ପଛାଉଛନ୍ତି । କିଛି ଚାଷୀ ନିଜ ବାଡ଼ିରୁ ଟମାଟ ନ ତୋଳି ସେଠାରେ ହିଁ ଛାଡି ଚାଲି ଆସୁଛନ୍ତି । ପ୍ରକାଶ ଥାଉ କି କାଶୀନଗର ଠାରେ ଗୋଟେ ହେଲେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ଅକ୍ଲାନ୍ତ ପରିଶ୍ରମ ସହ ଋଣ କରି ଯେଉଁ ପନିପରିବା ଚାଷ କରୁଛନ୍ତି ତାର ଠିକ୍ ଦାମ ପାଇବାରେ ବଞ୍ଚିତ ହେଉଛନ୍ତି ବୋଲି ଲୋକେ କହୁଛନ୍ତି ।

## ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ଓଡ଼ିଶା ସରକାରଙ୍କର କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ୦୬ ମାର୍ଚ୍ଚ ଠାରୁ ୦୮ ମାର୍ଚ୍ଚ ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ବୃନ୍ଦାବନ ପ୍ୟାଲେସ ଠାରେ ପାଳନ କରାଯାଇଛି । ସ୍ଥାନୀୟ ବୃନ୍ଦାବନ ପ୍ୟାଲେସ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ



ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ବିଧାୟକ ମୋହନା ଦାଶରଥି ଗମାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଯୋଗଗୁରୁ ଆଶଲତା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ଆଜିର ଦିବସରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନଙ୍କ ସ୍ୱପ୍ନ, ସଫଳତା ଏବଂ ସ୍ୱାଭିମାନ ଉତ୍ସ ସହିତ ‘ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ଗଠନ କରିବାରେ ମହିଳାମାନଙ୍କ ଭୂମିକା ବିଷୟରେ ସମସ୍ତ ଅତିଥି ଗଣ ନିଜ ନିଜ ଅଭିଭାଷଣରେ କହିଥିଲେ ।

ସେହିପରି ଆଜିର ଦିବସରେ ଯୋଗ କାର୍ଯ୍ୟକ୍ରମ ସହ ଏରୋବିକ, ଜୁମ୍ବା ନାଚ ଏବଂ ଅନ୍ୟାନ୍ୟ କ୍ରୀଡା ଆୟୋଜନ, ଆତ୍ମରକ୍ଷା ତାଲିମ ଇତ୍ୟାଦି ଦିଆଯାଇଥିଲା ।

ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ୱଚ୍ଛ ସଥି ପ୍ରମୁଖ ତିନି ସହରୁ ଉର୍ଦ୍ଧ୍ୱ ମହିଳା ସଂଗଠନ, ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ ଇତ୍ୟାଦି ବହୁ ମାତ୍ରାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି

ରାୟଗଡା,(ନି ପ୍ର): ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ ବ୍ଲକ ସଦ୍ଭାବନା ଗୃହରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଉପାଧ୍ୟକ୍ଷ ହର ପ୍ରାସାଦ ହେପୃକା, ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସ୍ମୃତିରେଖା ନାୟକ, ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

ଚଳିତ ମାର୍ଚ୍ଚ ମାସରୁ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ବଢୁଥିବାରୁ ଅଂଶୁଘାତର ନିୟନ୍ତ୍ରଣ ଓ ଧନ ଜୀବନ, ପଶୁପକ୍ଷୀଙ୍କ ରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଗ୍ରୀଷ୍ମ ପ୍ରବାହ ତଥା ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରତି ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବିଭାଗୀୟ ଯୋଜନା ଗୃହରେ ଉପସ୍ଥାପନ କରିଥିଲେ । ଏଥିପାଇଁ ଏକ କଣ୍ଟିଜେଣ୍ଟ ପ୍ଲାନ ପ୍ରସ୍ତୁତ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ପ୍ରସ୍ତୁତ ରଖିବା, ଆବଶ୍ୟକ ପରିମାଣର ଓଆରଏସ ଓ ଔଷଧ ଗଛିତ ରଖିବା ପାଇଁ



କୁହାଯାଇଛି । ପ୍ରତି ପଞ୍ଚାୟତ ଓ ଛକ ଜାଗା, ବସ ରହଣି ସ୍ଥଳରେ ଜଳଛତ୍ରମାନ ଖୋଲିବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନିର୍ଦ୍ଦେଶକୁ ଅବଗତ କରାଯାଇଥିଲା । ସମସ୍ତ ପାନୀୟଜଳ ଉତ୍ସ ଗୁଡିକର ମରାମତି କରାଯାଇ କାର୍ଯ୍ୟକ୍ଷମ କରିବା, ଆବଶ୍ୟକ ନଳକୂପ ଯନ୍ତ୍ରାଂଶ ମହଜୁଦ ରଖିବା, ବର୍ତ୍ତମାନ ଦୁଇଟି ନଳକୂପ ମରାମତି ଗାଡ଼ି କାର୍ଯ୍ୟକ୍ଷମ ଅଛି, ଦରକାର ହେଲେ ଅଧିକ ଗାଡ଼ି ଓ କର୍ମଚାରୀଙ୍କ ବ୍ୟବସ୍ଥା କରାଯିବ, ଜଳକଷ୍ଟ ଗ୍ରାମର ଚିହ୍ନଟ କରାଯାଇ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସହକାରୀ ଯନ୍ତ୍ରୀ ସୁଶ୍ରୀ ଦୀପ୍ତି କହିଛନ୍ତି । ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡିକ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ସମୟ ପରିବର୍ତ୍ତନ କରାଯିବ । ଶ୍ରମିକ ମାନଙ୍କ କାର୍ଯ୍ୟ ନିର୍ଘଣ୍ଟ, ବସ ଗୁଡିକର ଯାତାୟତ ସମୟ ରେ ପରିବର୍ତ୍ତନ , ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପଶୁପକ୍ଷୀଙ୍କ ନିମନ୍ତେ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ ଛତା, ଜୋତା, ଓଦା ଗାମୁଛା ବ୍ୟବହାର ଓ ସତର୍କତା ଅବଲମ୍ବନ ନିମନ୍ତେ ସଚେତନତା ସୃଷ୍ଟି ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଅଂଶୁଘାତଜନିତ ମୃତ୍ୟୁ ହେଲେ ତହସିଲଦାର ଓ ବିଡିଓଙ୍କୁ ଅବଗତ କରାଇବେ । ପ୍ରତି ଗ୍ରାମରେ ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ଗ୍ରାମ୍ୟ ସ୍ତରରେ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗ୍ରାମ ପଞ୍ଚାୟତ ସ୍ତରରେ ନୋଡାଲ ଅଧିକାରୀ ରୂପେ କାର୍ଯ୍ୟ କରିବେ । ବ୍ଲକ ସହ ସମସ୍ତ ଗ୍ରାମ ପଞ୍ଚାୟତ ଓ ବିଭାଗୀୟ କାର୍ଯ୍ୟାଳୟଗୁଡିକରେ ୨୪ x ୭ ନିୟନ୍ତ୍ରଣ କକ୍ଷମାନ ଖୋଲିବା ସହ ତାହାର ଫୋନ ନମ୍ବର ନିଜ କାର୍ଯ୍ୟାଳୟ ବାହରେ ପ୍ରଦର୍ଶନ କରିବେ ଏବଂ ତହା ବ୍ଲକ, ତହସିଲ ଓ ଜିଲ୍ଲା କାର୍ଯ୍ୟାଳୟକୁ ଅବଗତ କରିବା ନିମନ୍ତେ ସମସ୍ତଙ୍କୁ ଅବଗତ କରାଯାଇଥିଲା ।

ତିଥି : (ଷଷ୍ଠୀ) : (ବିଶାଖା ତୁଳା)
ଅମୃତବେଳା: ଦିବା ଘ.୭।୪୦ ମଧ୍ୟେ ଘ୧୦।୫୨ ଗତେ

## ଆଜିର ଅନୁଚିନ୍ତନ

ଜନ୍ମ-ମରଣ ପ୍ରବାହର ପରିହାର ହୋଇପାରିବ ନାହିଁ। ତେଣୁ ତୁମେ ଏ ବିଷୟରେ ଶୋକ କରିବା ଉଚିତ ନୁହେଁ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଇନ୍ଧନ ଚିନ୍ତା

ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର ତୈଳ ଓ ଗ୍ୟାସ ଉତ୍ପାଦନକାରୀମାନେ ବୈଶ୍ୱିକ ବଜାରକୁ ଏହି ଦୁଇ ଇନ୍ଧନ ପ୍ରେରଣ କରିବା ବେଳେ ଯେଉଁ ସଂକୀର୍ଣ୍ଣ ସାମୁଦ୍ରିକ ପଥ ବହୁଳ ଭାବରେ ବ୍ୟବହାର ହୋଇଥାଏ, ତାହା ହେଉଛି ହର୍ମୁଜ ପ୍ରଣାଳୀ। ସପ୍ତାହରୁ ଅଧିକ ଦିନ ହେବ ଏହି ସାମୁଦ୍ରିକ ପଥ ଇରାନ ପ୍ରତିପକ୍ଷ ଇସ୍ରାଏଲ-ଆମେରିକା ଆକ୍ରମଣ କରିବା କାରଣରୁ ପ୍ରଭାବିତ ହୋଇସାରିଛି। ଦୁଇ ପକ୍ଷ ମଧ୍ୟର ଯୁଦ୍ଧ ଜଟିଳତା ଦିନକୁ ଦିନ ଘନଘଟାପୂର୍ଣ୍ଣ ହେଉଥିବାରୁ ବୈଶ୍ୱିକ ଶାନ୍ତି କେବଳ ପ୍ରଭାବିତ ହୁଏନାହିଁ, ଅଧିକନ୍ତୁ ଶକ୍ତି କ୍ଷେତ୍ର ବହୁଳ ଭାବରେ କୁପ୍ରଭାବିତ ହୋଇଛି। ଏହି କୁପ୍ରଭାବ କାରଣରୁ ଆମ ଦେଶରେ ଘରୋଇ ରନ୍ଧନ ଗ୍ୟାସ ଏଲପିଜି ଦର ପ୍ରତି ସିଲିଣ୍ଡର ପିଛା ଏକାବେଳକ ୬୦ ଟଙ୍କା ବୃଦ୍ଧି ଘଟିବା ଦ୍ୱାରା ଗ୍ରାହକଙ୍କ ପକେଟକୁ ବାଧିଛି। କେତେ ମାସ ପର୍ଯ୍ୟନ୍ତ ଏପରି ସ୍ଥିତି ଜାରି ରହିବ ତାହା ଅନୁମାନ କରିହେଉନାହିଁ। ଉଲ୍ଲେଖ କରାଯାଇପାରେ ଯେ ବର୍ଷକରୁ କମ୍ ସମୟ ମଧ୍ୟରେ ଏହି ଦ୍ୱିତୀୟ ବୃଦ୍ଧି ହାଣ୍ଡିଶାଳକୁ ବଡ଼ ଧରଣର ମହଙ୍ଗା ମାଡ଼। କେବଳ ଘରୋଇ ଏଲ୍‌ପିଜି ନୁହେଁ ଅଧିକନ୍ତୁ ଦେଶରେ ଉଜ୍ଜଳା ଯୋଜନାର ହିତାଧିକାରୀମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ୧୪.୨ କେଜିର ସିଲିଣ୍ଡର ବାବଦେ ଏହି ହିତାଧିକାରୀମାନେ ଏଣିକି ଦେବେ ୬୧୩ ଟଙ୍କା।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ କାରଣରୁ ଯଦିଓ ଆମ ଦେଶରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଏଯାବତ୍ ଘଟିନାହିଁ, ତାହା ଯେ ଆଗକୁ ହେବନାହିଁ ଏପରି ଦାବି କରିହେବନାହିଁ। ଏକ ରିପୋର୍ଟ ମୁତାବକ ସଂପ୍ରତି ପାକିସ୍ତାନରେ ପେଟ୍ରୋଲ ଦରରେ ୫୫ ପ୍ରତିଶତ, ଜର୍ମାନୀରେ ୨୨ ପ୍ରତିଶତ, ଫ୍ରାନସରେ ୧୯ ପ୍ରତିଶତ, ଆମେରିକାରେ ୧୧.୫୪ ପ୍ରତିଶତ ଓ ଭାରତରେ ୧ ପ୍ରତିଶତରୁ କମ୍ ଦର ବୃଦ୍ଧି ଘଟିଛି। ପ୍ରମୁଖ ବୈଶ୍ୱିକ ଅଶୋଧିତ ତୈଳ ଓ ଗ୍ୟାସ ଯୋଗାଣକାରୀଙ୍କ ସହିତ ଭାରତ ସର୍ବଦା ଯୋଗାଯୋଗରେ ରହିଛି। ଏପରିକି ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସି(ଆଇଇଏ) ଓ ଅର୍ଗାନାଇଜେସନ ଅଫ୍ ଦି ପେଟ୍ରୋଲିୟମ ଏକ୍ସପୋର୍ଟିଂ ଦେଶ ସମୂହ ସହ ସଂପର୍କରେ ଏହା ରହିଛି।

ରୁଷୀୟ ତୈଳ ଭାରତ ରିଫାଇନର୍‌ମାନେ ୩୦ ଦିନ ପର୍ଯ୍ୟନ୍ତ କ୍ରୟ କରିପାରିବେ ବୋଲି ନିକଟରେ ଆମେରିକା କହିଛି। ବୁଝିହୁଏନା ଆମେରିକା କାହିଁକି ଅଯଥାରେ ମୁଣ୍ଡ ପୂରାଉଛି। ଭାରତ କାହାଠାରୁ ତୈଳ କିଣିବ ଅବା ନ କିଣିବ ସେଥିରେ ଆମେରିକାର କିଛି ଯାଏ ଆସେ ନାହିଁ। ଆମେରିକାର ଏପରି ହାକିମାତିକୁ ଭାରତ ପକ୍ଷରୁ ଜବାବ ରଖାଯାଇ ନାପସନ୍ଦ ମଧ୍ୟ କରାଯାଇଛି। ଉଲ୍ଲେଖର ବିଷୟ ଯେ ଦଶନ୍ଧିରୁ ଅଧିକ ହେବ ଆମ ଦେଶର ତୈଳ କୂଟନୀତି ବିଶେଷକରି ବିଦେଶ ଯୋଗାଣକାରୀ ଭିତ୍ତିଭୂମି ୬ଟି ମହାଦେଶରେ ୨୭ରୁ ୪୦ ଦେଶ ସହିତ ସଂପର୍କ ସଂପ୍ରସାରିତ ହୋଇସାରିଛି। ଆମ ଦେଶ ସର୍ବଦା ଯେଉଁ ପ୍ରାଥମିକତା ଦେଇଥାଏ, ତାହା ହେଉଛି ଜାତୀୟ ସ୍ୱାର୍ଥରକ୍ଷା।

ସୁତରାଂ ଇରାନ ସହିତ ଆମେରିକା - ଇସ୍ରାଏଲ ସଂଘର୍ଷ କାରଣରୁ ପ୍ରମୁଖ ଯୋଗାଣ ପଥ ହର୍ମୁଜ ପ୍ରଣାଳୀ ବାଧାପ୍ରାପ୍ତ ହୋଇଥିଲେ ହେଁ ଭାରତ ଏଥିରେ ଅଧିକ ପ୍ରଭାବିତ ହେବା ଆଶଙ୍କା କମ୍। କାରଣ ଏହି ପ୍ରଣାଳୀ ଦେଇ ଆମ ଦେଶକୁ ଅଶୋଧିତ ତୈଳ ଆମଦାନିର ପରିମାଣ ପ୍ରାୟ ୪୦ ପ୍ରତିଶତ। ଅବଶିଷ୍ଟ ୬୦ ପ୍ରତିଶତ ଅନ୍ୟାନ୍ୟ ଯୋଗାଣ ପଥ ଦେଇ ଆମଦାନି କରିଥାଏ ଆମ ଦେଶ। ଏକ ସୂତ୍ର ମୁତାବକ ନିକଟରେ ଅତିରିକ୍ତ ଗ୍ୟାସ୍ ଯୋଗାଣ ଦୃଷ୍ଟିରୁ ଅଷ୍ଟ୍ରେଲିଆ ମହାଦେଶ, କାନାଡ଼ା ଓ ଅନ୍ୟାନ୍ୟ ଦେଶ ଭାରତ ପ୍ରତି ଆଗ୍ରହ ପ୍ରକାଶ କରିଥିବା ଆଶ୍ୱସ୍ତିର ବିଷୟ। ତେବେ ଗ୍ୟାସ୍ ଓ ଅଶୋଧିତ ତୈଳ ଦୃଷ୍ଟିରୁ ଆମ ଦେଶ ଯେତେ କମ୍ ନିର୍ଭର କରିବ ତାହାଦ୍ୱାରା ଆତ୍ମନିର୍ଭରଶୀଳତା ହିଁ ବଢ଼ିବ।

“

**ରାଷ୍ଟ୍ରପତିଙ୍କ ଅଭିଭାଷଣ ବ୍ୟକ୍ତିଗତ ଏବଂ ରାଜନୈତିକ ଭାବରେ ପ୍ରତିଧ୍ୱନିତ ଏକ ଭାଷଣରେ, ରାଷ୍ଟ୍ରପତି ମୁର୍ମୁ ଦୁଃଖ ଏବଂ ଦୃଢ଼ ସାମ୍ବିଧାନିକ ଆଶାର ମିଶ୍ରଣ ସହିତ ସମାବେଶକୁ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉଲ୍ଲେଖ କରି ସେ ମନ୍ତବ୍ୟ ଦେଇଥିଲେ, ‘ମମତା ଦିଦି ମୋ ସାନ ଭଉଣୀ ପରି , ମୁଁ ଜାଣିନାହିଁ ସେ ବିରକ୍ତ କି ନାହିଁ ଏବଂ ସେଥିପାଇଁ ସ୍ଥାନ ସ୍ଥାନାନ୍ତରିତ କରାଯାଇଥିଲା। ସାଧାରଣତଃ, ଯେତେବେଳେ ରାଷ୍ଟ୍ରପତି ଗସ୍ତ କରନ୍ତି, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ ମଧ ଆସିବା ଉଚିତ। କିନ୍ତୁ ସେ ଆସି ନଥିଲେ। ମୁଁ ମଧ ବଙ୍ଗଳାର ଝିଅ।’ ରାଷ୍ଟ୍ରପତି ଆହୁରି ପ୍ରଶ୍ନ କରିଥିଲେ ଯେ ପ୍ରଶାସନ କାହିଁକି ଏହି କାର୍ଯ୍ୟକ୍ରମକୁ ‘ଜନଗହଳିପୂର୍ଣ୍ଣ’ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲା, ଯାହା ସୂଚାଇ ଦେଉଛି ଯେ ବିଧାନନଗର ମୂଳ ସ୍ଥାନଟି ଏବେ ସମାବେଶ ପାଇଁ ବହୁତ ଉପଯୁକ୍ତ ଥିଲା।**

# ସାମ୍ବିଧାନିକ ଶାଳୀନତା

**ସୌଭାଗ୍ୟ ରଂଜନ ମହାନ୍ତି**

ସାମ୍ବିଧାନିକ ଶୀତଳତା : ପ୍ରୋଟୋକଲ, ରାଜନୀତି ଏବଂ ରାଷ୍ଟ୍ରପତିଙ୍କ ବଙ୍ଗଳା ଗସ୍ତ ମାର୍ଚ୍ଚ ୭, ୨୦୨୬ରେ, ଦାର୍ଜିଲିଂର ସବୁଜ ପାହାଡ ସାମ୍ପ୍ରତିକ ଭାରତୀୟ ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଅଚଳାବସ୍ଥା ପାଇଁ ଅସମ୍ଭବ ପୃଷ୍ଠଭୂମି ପାଲଟିଥିଲା। ନବମ ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ଆଦିବାସୀ ସଂସ୍କୃତିର ଉତ୍ସବ ପାଳନ ପାଇଁ ଯାହା ଉଦ୍ଦେଶ୍ୟ ଥିଲା ତାହା ପଶ୍ଚିମବଙ୍ଗ ସରକାରଙ୍କ ବିରୁଦ୍ଧରେ ଅଭିଯୋଗର ଏକ ସାର୍ବଜନୀନ ପ୍ରସାରଣରେ ପରିଣତ ହୋଇଥିଲା ବୋଲି କୁହାଯାଇଛି।

୧. ଘୃଣ୍ୟତାର ଉତ୍ପତ୍ତି ବିବାଦ: ରାଷ୍ଟ୍ରପତିଙ୍କ ସିଲିଗୁଡ଼ି ଏବଂ ଦାର୍ଜିଲିଂ ଗସ୍ତ ସମୟରେ ପ୍ରୋଟୋକଲ୍ କ୍ଷମତାପର ଏକ ଶୃଙ୍ଖଳା ଉପରେ କେନ୍ଦ୍ରିତ। ଏକ ବିରଳ ଏବଂ ସ୍ପଷ୍ଟ ସାର୍ବଜନୀନ ଭର୍ତ୍ସନାରେ, ରାଷ୍ଟ୍ରପତି ମୁର୍ମୁ ରାଜ୍ୟ ସରକାରଙ୍କ ଆଚରଣ ଉପରେ ତାଙ୍କର ‘ବେଦନା ଏବଂ ନିରାଶା’ ପ୍ରକାଶ କରିଥିଲେ। ପ୍ରାଥମିକ ବିବାଦରେ ତିନୋଟି ନିର୍ଦ୍ଦିଷ୍ଟ କ୍ଷେତ୍ର ଅନ୍ତର୍ଭୁକ୍ତ : କାର୍ଯ୍ୟକାରୀ ସ୍ୱାଗତର ଅନୁପସ୍ଥିତି : ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିମ୍ବା ରାଜ୍ୟ କ୍ୟାବିନେଟର କୌଣସି ବରିଷ୍ଠ ମନ୍ତ୍ରୀ ରାଷ୍ଟ୍ରପତିଙ୍କ ଆଗମନ ସମୟରେ ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ନଥିଲେ। ସ୍ଥାନ ବିବାଦ : ସମ୍ମିଳନୀକୁ ହଠାତ୍ ବିଧାନନଗରର ଏକ ବଡ ପଡିଆ (୫୦୦,୦୦୦ ଲୋକଙ୍କୁ ଆତିଥ୍ୟ ଦେଇପାରିବା ପାଇଁ ସକ୍ଷମ)ରୁ ଗୋସାଇଁପୁରର ଏକ ଛୋଟ, ଅଧିକ ସଂକୀର୍ଣ୍ଣ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା। ପ୍ରଶାସନିକ ବାଧା : ଅଭିଯୋଗ ଯେ ରାଜ୍ୟ ପ୍ରଶାସନ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ କାର୍ଯ୍ୟକ୍ରମରେ ପହଂଚିବାରୁ ସକ୍ରିୟ ଭାବରେ ବାଧା ଦେଇଥିଲା।

୨. ଏକ ଭଉଣୀଙ୍କ ଭର୍ତ୍ସନା : ରାଷ୍ଟ୍ରପତିଙ୍କ ଅଭିଭାଷଣ ବ୍ୟକ୍ତିଗତ ଏବଂ ରାଜନୈତିକ ଭାବରେ ପ୍ରତିଧ୍ୱନିତ ଏକ ଭାଷଣରେ, ରାଷ୍ଟ୍ରପତି ମୁର୍ମୁ ଦୁଃଖ ଏବଂ ଦୃଢ଼ ସାମ୍ବିଧାନିକ ଆଶାର ମିଶ୍ରଣ ସହିତ ସମାବେଶକୁ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉଲ୍ଲେଖ କରି ସେ ମନ୍ତବ୍ୟ ଦେଇଥିଲେ, ‘ ସାଧାରଣତଃ, ଯେତେବେଳେ ରାଷ୍ଟ୍ରପତି ଗସ୍ତ କରନ୍ତି, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ ମଧ ଆସିବା ଉଚିତ। କିନ୍ତୁ ସେ ଆସି ନଥିଲେ। ମୁଁ ମଧ ବଙ୍ଗଳାର ଝିଅ।’ ରାଷ୍ଟ୍ରପତି ଆହୁରି ପ୍ରଶ୍ନ କରିଥିଲେ ଯେ ପ୍ରଶାସନ କାହିଁକି ଏହି କାର୍ଯ୍ୟକ୍ରମକୁ ‘ଜନଗହଳିପୂର୍ଣ୍ଣ’ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲା, ଯାହା ସୂଚାଇ ଦେଉଛି ଯେ ବିଧାନନଗର ମୂଳ ସ୍ଥାନଟି ଏବେ ବଡ଼ ସଂଖ୍ୟକ ସମାବେଶ ପାଇଁ ବହୁତ ଉପଯୁକ୍ତ ଥିଲା। ସେହି ଦିନ ପରେ ଚାରା ରୋପଣ ପାଇଁ ତାଙ୍କର ମୂଳ ସ୍ଥାନକୁ ଗସ୍ତ ପ୍ରଶାସନିକ ନିଷ୍ପତ୍ତି ବିରୋଧରେ ଏକ ନୀରବ କିନ୍ତୁ ଶକ୍ତିଶାଳୀ ପ୍ରତୀକାତ୍ମକ ପ୍ରତିବାଦ ଥିଲା।

୩. ପ୍ରୋଟୋକଲ ଦ୍ୱନ୍ଦ୍ୱ : ସାମ୍ବିଧାନିକ ଆଦେଶ ବନାମ ରାଜନୈତିକ ରଣନୀତି ପ୍ରଶ୍ନରେ ଥିବା ‘ପ୍ରୋଟୋକଲ’ ସଂଘର କାର୍ଯ୍ୟନିର୍ବାହୀ ମୁଖ୍ୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ପାରସ୍ପରିକ କ୍ରିୟାକୁ ନିୟନ୍ତ୍ରଣ କରୁଥିବା ପ୍ରତିଷ୍ଠିତ ମାନଦଣ୍ଡକୁ ବୁଝାଏ। ପାରମ୍ପରିକ ଭାବରେ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଗ୍ରହଣ କରନ୍ତି। ତଥାପି, ପଶ୍ଚିମବଙ୍ଗ ସରକାର ଏହାର କାର୍ଯ୍ୟକୁ ରକ୍ଷା କରି କହିଥିଲେ ଯେ ସ୍ୱାଗତ ରାଷ୍ଟ୍ରପତିଙ୍କ ସଚିବାଳୟ ଦ୍ୱାରା ସେୟାର କରାଯାଇଥିବା ‘ଅନୁମୋଦିତ ଲାଇନଅପ୍’ ଅନୁସାରେ କଠୋର ଭାବରେ କରାଯାଇଥିଲା, ଯେଉଁଥିରେ ସିଲିଗୁଡିର ମେୟର, ଦାର୍ଜିଲିଂର ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ କମିଶନର ସାମିଲ ଥିଲେ। ସେମାନେ ଯୁକ୍ତି ଦେଇଥିଲେ ଯେ ମୁଖ୍ୟମନ୍ତ୍ରୀ ସରକାରୀ ମଂଚ ଯୋଜନାରେ ଅଂଶ ନଥିଲେ ଏବଂ ଭୋଟର ତାଲିକା ବିଲୋପ ସମ୍ପର୍କରେ କୋଲକତାରେ ଏକ ଧାରଣା ପ୍ରଦର୍ଶନରେ ସମକାଳୀନ ଭାବରେ ବ୍ୟସ୍ତ ଥିଲେ।

୪. ଦିଲ୍ଲୀରୁ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ଘଟଣାକୁ ଅରାଜକତାପୂର୍ଣ୍ଣ ଆଚରଣର ଏକ ‘ନୂତନ ନିମ୍ନ’ ଭାବରେ ବର୍ଣ୍ଣନା କରିଛି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିସ୍ଥିତିକୁ ‘ଲଜ୍ଜାଜନକ ଏବଂ ଅଭୂତପୂର୍ବ’ ବୋଲି କହିଛନ୍ତି, ଏବଂ ଟିଏମସି ସରକାର କେବଳ ରାଷ୍ଟ୍ରପତିଙ୍କ ନୁହେଁ ବରଂ ସେ ପ୍ରତିନିଧିତ୍ୱ କରୁଥିବା ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରୁଥିବା ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାନ ଉତ୍ସାହର ସହିତ ପ୍ରତିଶୋଧ ନେଇଥିଲେ। ତାଙ୍କ ଧାରଣା ମଂଚରୁ ଭାଷଣ ଦେଇ ସେ ରାଷ୍ଟ୍ରପତିଙ୍କୁ ବିଜେପିର ପରାମର୍ଶରେ ‘ରାଜନୀତି ଖେଳୁଥିବା’ ଅଭିଯୋଗ କରିଥିଲେ। ଯଦି ଆପଣ ବର୍ଷକୁ ଥରେ ଆସନ୍ତି, ତେବେ ମୁଁ ଆପଣଙ୍କୁ ସ୍ୱାଗତ କରିପାରିବି। କିନ୍ତୁ ଯଦି ଆପଣ ନିର୍ବାଚନ ସମୟରେ ବାରମ୍ବାର ଆସନ୍ତି, ତେବେ ମୁଁ ସବୁକିଛିରେ ଯୋଗଦେବା କିପରି ସମ୍ଭବ?

୫. ସାଂଗଠନିକ ପ୍ରଭାବ ଏହି ଘଟଣା ସାମ୍ବିଧାନିକ ଯୋଗ୍ୟତାର ଗଭୀର ଉଜାଗର କରେ। ଭାରତର ସଂଘୀୟ ଗଠନରେ, ରାଷ୍ଟ୍ରପତି ଦଳୀୟ ସୀମାଠାରୁ ଊର୍ଦ୍ଧ୍ୱରେ ଜାତୀୟ ଏକତାର ପ୍ରତୀକ। ଯେତେବେଳେ ଏକ ରାଜ୍ୟ ସରକାର ଏବଂ ଦେଶର ସର୍ବୋଚ୍ଚ କାର୍ଯ୍ୟାଳୟ ସାର୍ବଜନୀନ ବାକ୍ ଯୁଦ୍ଧରେ ଲିପ୍ତ ହୁଏ, ଏହା ସମ୍ବିଧାନ ଦ୍ୱାରା କଳ୍ପନା କରାଯାଇଥିବା ସମବାୟ ସଂଘୀୟତାରେ ଏକ ଭାଙ୍ଗିପଡିବାର ସଙ୍କେତ ଦିଏ। ସମୟ - ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ହଠାତ୍ ଇସ୍ତଫା ଏବଂ ଆର.ଏନ.ଙ୍କ ନିଯୁକ୍ତି ସହିତ ମେଳ ଖାଉଛି। ଆହୁରି ସୂଚାଉଛନ୍ତି ଯେ ‘ରାଜ୍ୟପାଳ-ରାଷ୍ଟ୍ରପତି” ଅକ୍ଷ ଏବଂ ‘ରାଜ୍ୟ-ମୁଖ୍ୟମନ୍ତ୍ରୀ’ ଅକ୍ଷ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ଭାଙ୍ଗିବାର ଏକ ବିନ୍ଦୁରେ ପହଞ୍ଚିଛି।

ଅଞ୍ଚଳର ଆଇନଗତ ଏବଂ ଆନୁଷ୍ଠାନିକ ଢାଂଚା:୧. ଧାରା ୩୬୧ : ରାଷ୍ଟ୍ରପତି ପଦର ଢାଲ ସମ୍ବିଧାନ ଧାରା ୩୬୧ ଅନୁଯାୟୀ ରାଷ୍ଟ୍ରପତିଙ୍କୁ ଏକ ଅନନ୍ୟ ମାନ୍ୟତା ପ୍ରଦାନ କରେ, ଯାହା ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ସୁରକ୍ଷା ପ୍ରଦାନ କରେ। ଅଦାଲତରୁ ମୁକ୍ତି : ରାଷ୍ଟ୍ରପତି ସେମାନଙ୍କର ସରକାରୀ କର୍ତ୍ତବ୍ୟ ପାଳନ ପାଇଁ କୌଣସି ଅଦାଲତ ନିକଟରେ ଉତ୍ତରଦାୟୀ ନୁହନ୍ତି। ଏହି ମୁକ୍ତି ନିଶ୍ଚିତ କରେ ଯେ କାର୍ଯ୍ୟାଳୟର ମର୍ଯ୍ୟାଦା କେବେବି ଆଇନଗତ କ୍ରସ୍ ଫାୟାରରେ ଟଣାଯିବ ନାହିଁ। ପ୍ରତୀକାତ୍ମକ ସମାନତା : ରାଜ୍ୟ ପ୍ରଶାସନକୁ ସାର୍ବଜନୀନ ଭାବରେ ସମାଲୋଚନା କରି, ରାଷ୍ଟ୍ରପତି ମୂଳତଃ ଏହା ଉପରେ ଆଲୋକପାତ କରିଥିଲେ ଯେ ତାଙ୍କୁ ଆଇନଗତ ଭାବରେ ସୁରକ୍ଷା ଦିଆଯାଇଥିଲେ ମଧ, ସେ ତାଙ୍କର ସାମ୍ବିଧାନିକ କର୍ତ୍ତବ୍ୟଗୁଡ଼ିକୁ ‘ସହଜ’ କରିବା ପାଇଁ ପ୍ରଶାସନିକ ଭାବରେ ରାଜ୍ୟ ଉପରେ ନିର୍ଭରଶୀଳ। ସାମ୍ବିଧାନିକ ଯନ୍ତ୍ରପାତି : ଧାରା ୩୫୬ ଅନୁଯାୟୀ, ଯଦି ରାଷ୍ଟ୍ରପତି (ଏକ ରିପୋର୍ଟ ଉପରେ ଆଧାର କରି କିମ୍ବା ‘ଅନ୍ୟଥା) ସନ୍ତୁଷ୍ଟ ହୁଅନ୍ତି ଯେ ରାଜ୍ୟ ସରକାର ସମ୍ବିଧାନ ଅନୁଯାୟୀ କାର୍ଯ୍ୟ କରିପାରିବେ ନାହିଁ, ତେବେ ରାଷ୍ଟ୍ରପତିଙ୍କ ଶାସନ ଲାଗୁ କରାଯାଇପାରିବ।

୨.ପ୍ରାଧାନ୍ୟ ୱାରେଂଟ (ପ୍ରୋଟୋକଲ) ପ୍ରାଧାନ୍ୟ ୱାରେଂଟ ହେଉଛି ଭାରତ ସରକାରଙ୍କ ସରକାରୀ ପଦାନୁକ୍ରମ। ଏହା କେବଳ ବସିବା ବ୍ୟବସ୍ଥା ପାଇଁ ଏକ ତାଲିକା ନୁହେଁ, ଏହା ସୌଜନ୍ୟ ଦେଖାଇବାକୁ ନିର୍ଦ୍ଦେଶ ଦିଏ। ସ୍ୱାଗତ ନିର୍ଦ୍ଦେଶ : ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯେତେବେଳେ ରାଷ୍ଟ୍ରପତି କୌଣସି ରାଜ୍ୟ ଗସ୍ତ କରନ୍ତି, ସେତେବେଳେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ସେମାନଙ୍କୁ ଗ୍ରହଣ କରିବାକୁ ପଡିବ। ପ୍ରତିନିଧି ନିୟମ : ଯଦି ମୁଖ୍ୟମନ୍ତ୍ରୀ ଯୋଗ ଦେଇପାରିବେ ନାହିଁ, ତେବେ ପ୍ରୋଟୋକଲ ନିର୍ଦ୍ଦେଶ ଦିଏ ଯେ ଜଣେ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ପ୍ରତିନିଧିତ୍ୱ କରିବାକୁ ପଡିବ। ବଙ୍ଗଳା ବିଚ୍ୟୁତି: ୭ ମାର୍ଚ୍ଚ ୨୦୨୬ରେ, ସିଲିଗୁଡି ଆଗମନରେ ମୁଖ୍ୟମନ୍ତ୍ରୀ ଏବଂ କୌଣସି କ୍ୟାବିନେଟ୍ ମନ୍ତ୍ରୀଙ୍କ ଅନୁପସ୍ଥିତି ଏହି ନିର୍ଦ୍ଦେଶିତ ‘ଭିଆଇପିମାନଙ୍କୁ ଦେଖାଯିବାକୁ ଥିବା ସୌଜନ୍ୟ’ ରୁ ସିଧାସଳଖ ପ୍ରସ୍ଥାନ ଥିଲା।

୩. ସରକାରିଆ କମିଶନ ଏବଂ ସହଯୋଗୀ ସଂଘୀୟତା ସରକାରିଆ କମିଶନ (୧୯୮୮), ଯାହା କେନ୍ଦ୍ର-ରାଜ୍ୟ ସମ୍ପର୍କ ପାଇଁ ସୁବର୍ଣ୍ଣ ମାନଦଣ୍ଡ ହୋଇ ରହିଛି, ଗୁରୁତ୍ୱାରୋପ କରିଥିଲା ଯେ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ହେଉଛନ୍ତି ସଂଘ ଏବଂ ରାଜ୍ୟ ମଧ୍ୟରେ ସଂଯୋଗ। ଏଠାରେ ଯେକୌଣସି ଘୃଣା ସଂଘୀୟ ଗଠନକୁ ଦୁର୍ବଳ କରିଥାଏ। ବିଧାନନଗରରୁ ଗୋସାଇଁପୁରର ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ସ୍ଥାନ ସ୍ଥାନାନ୍ତରିତ କରି, ପଶ୍ଚିମବଙ୍ଗ ପ୍ରଶାସନ ଏକ ଲଜିଷ୍ଟିକ୍ ନିଷ୍ପତ୍ତି ନେଇଥିଲା ଯାହାକୁ ରାଷ୍ଟ୍ରପତି ଏକ ରାଜନୈତିକ ପ୍ରତିବନ୍ଧକ ଭାବରେ ବ୍ୟାଖ୍ୟା କରିଥିଲେ। ସାମ୍ବିଧାନିକ ବିଶେଷଜ୍ଞଙ୍କ ଦୃଷ୍ଟିରେ, ଏହା ସହଯୋଗୀ ସଂଘୀୟତାର ଆତ୍ମାକୁ ଉଲ୍ଲଂଘନ କରେ ଯେଉଁଠାରେ ରାଜ୍ୟଗୁଡ଼ିକ ସଂଘ କାର୍ଯ୍ୟ ପାଇଁ ନିର୍ବିଘ୍ନ ସମର୍ଥନ ପ୍ରଦାନ କରିବାକୁ ଆଶା କରାଯାଏ।

ମୋ-୯୪୩୭୯୯୪୩୭୯

# ଶକ୍ତି ଓ ସମାନତା

**ଡ.ବିମଳ ଷଡଙ୍ଗୀ**

ପୂର୍ବକାଳରେ ରାଜାମାନେ ରାଜ୍ୟଜୟ କରିଥିବା ଅଞ୍ଚଳରୁ ବଳପୂର୍ବକ ଜନସାଧାରଣଙ୍କ ଠାରୁ ଅତିରିକ୍ତ କର ଆଦାୟ କରୁଥିଲେ। ମୌର୍ଯ୍ୟ ଶାସନ ଠାରୁ ଆରମ୍ଭକରି ମଧ୍ୟଯୁଗର ଜମିଦାରମାନେ ନିଜର ଶକ୍ତିବଳରେ ଦାବିକରୁଥିବା ଅଂଶକୁ କୃଷକ ନିଜ ଉତ୍ପାଦନରୁ ଦେବାକୁ ବାଧ ହେଉଥିଲେ । ଅର୍ଥାତ୍ ଦୁର୍ବଳ ଉପରେ ଶକ୍ତିଶାଳୀଙ୍କ ନିୟମ ଜୋର ଯାର ମୂଲକ ନୀତିରେ ଆବହମାନ କାଳରୁ ଚାଲିଆସିଛି । ସେହି ନୀତି ଆଧାରରେ ଇଂରେଜମାନେ ଇଷ୍ଟଇଣ୍ଡିଆ କମ୍ପାନୀ ମାଧମରେ ଭାରତର ଦେଶୀୟ ବସ୍ତ୍ର ଓ ଶିଳ୍ପକୁ ନଷ୍ଟକରି ବ୍ରିଟିଶ ଦ୍ରବ୍ୟକୁ ବଜାର ମଧରେ ଅଗ୍ରାଧିକାର ଦେଇଥିଲେ ଯାହା କପାଚାଷୀ ଓ ଲୁଗା ବ୍ୟବସାୟୀଙ୍କୁ କ୍ଷତିଗ୍ରସ୍ତ କରିବା ସହିତ ସାଧାରଣ ଜନତାଙ୍କୁ ସମ୍ବଳହୀନ କରିଥିଲା।

ଶକ୍ତିଶାଳୀ ଦେଶଗୁଡିକ ଅନେକ ସମୟରେ ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେଇ ନିୟମ ନ ମାନି କାର୍ଯ୍ୟ କରନ୍ତି । ଏହାର ସଦ୍ୟତମ ଉଦାହରଣ ଯୁକ୍ତରାଷ୍ଟ୍ର ଆମେରିକାର ଶୁଳ୍କ ନୀତି ଯାହା ଭାରତର ଅର୍ଥନୀତିକୁ ଅସ୍ତବ୍ୟସ୍ତ କରିଚାଲିଛି । ମାତ୍ର ଚଞ୍ଚକତାର ସହିତ ବିଶ୍ୱ ବାଣିଜ୍ୟକୁ ପୁନଃ ଆକାର ଦେବା ନାମରେ ନୂଆଦିଲ୍ଲୀ ଏବଂ ୱାଶିଂଟନକୁ ଆକର୍ଷିତ କରିଥିବା କୂଟନୈତିକ ରଙ୍ଗମଞ୍ଚର ଅଗ୍ନିରେ ଭାରତ ଓ ଆମେରିକା ମଧରେ ବାଣିଜ୍ୟ ଚୁକ୍ତିନାମା ଏକ ଭୂ-ରାଜନୈତିକ ଆମୋଦକର ଦୃଶ୍ୟ ଭାବରେ ଉନ୍ମୋଚିତ ହୋଇଥିଲା । ଦୁଇ ଦେଶର ଶୀର୍ଷ ପ୍ରତିନିଧିମାନେ ଆମେରିକା ଦ୍ୱାରା ଭାରତ ପ୍ରତି ଲାଗୁ ହୋଇଥିବା ବିଭିନ୍ନ ପ୍ରତିବନ୍ଧକଗୁଡ଼ିକୁ ଉଠାଇ ଭାରତର ସମୃଦ୍ଧି ପାଇଁ ଏକ ନୂଆ ଯୁଗର ପ୍ରତିଶ୍ରୁତି ଦେଇ ଅପ୍ରତିରୋଧୀ ଗତିର ପ୍ରକ୍ଷେପଣ କରିଥିଲେ ଯାହା ଶକ୍ତିଶାଳୀମାତ୍ର,ଚତୁରତାର ସହିତ ଉପସ୍ଥାପିତ ହୋଇଥିଲା । ଶହଶହ ବିଲିୟନ ଡଲାର ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଦ୍ୱିପାକ୍ଷିକ ଚୁକ୍ତି ଘୋଷଣା କରାଯାଇଥିଲା। ମାତ୍ର ଏହାର କ୍ଷତିକର ଘୋଷଣାଗୁଡ଼ିକୁ ସାଂଗଠନିକ ଅସ୍ୱଷ୍ଟତା ଦ୍ୱାରା ଲୁକ୍କାୟିତ କରାଯାଇଥିଲା । ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷଣା ଅତ୍ୟନ୍ତ ରାଜକୀୟ ଥିଲା, ନିଜର ମହନୀୟତାକୁ ଅତି ଚତୁରତାର ସହିତ ତାଙ୍କ ବକ୍ତବ୍ୟ ମାଧମରେ ଭାରତର ରୁଷୀୟ ତୈଳକ୍ରୟ ଉପରେ ବିବାଦ ମଧରେ ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ଦଣ୍ଡାତ୍ମକ ଶୁଳ୍କ ହ୍ରାସ କରାଯାଇ ୧୮ ପ୍ରତିଶତ ସୀମାକୁ ହ୍ରାସ କରାଯିବାର ଦାବି ମଧରେ ଭାରତ ନିଜ ଦେଶରେ ଆମେରିକୀୟ କୃଷି ଉତ୍ପାଦ ପାଇଁ ବିନାଶୁଳ୍କରେ ଅବାଧ ପ୍ରବେଶ ଏବଂ ତୁରନ୍ତ ରୁଷୀୟ ତୈଳ ଆମଦାନିରୁ ବିରତ ହୋଇ ଆମେରିକା ଏବଂ ଭେନେଜୁଏଲା ଯୋଗାଣ ଆଡକୁ ନିଜର ଆଭିମୁଖ୍ୟ ସ୍ପଷ୍ଟକରିଛି ।

ଆଗାମୀ ବର୍ଷଗୁଡ଼ିକରେ ଭାରତ ୫୦୦ବିଲିୟନ ଡଲାରରୁ ଅଧିକ ଆମେରିକୀୟ ଉତ୍ପାଦ ମଧ କ୍ରୟ କରିବାର ଦୃଢତା ପ୍ରଦାନ କରିଛି ବୋଲି ଘୋଷଣା କରିଥିଲେ। ଯାହା ଭାରତୀୟ ଅର୍ଥନୀତି ଆମେରିକା ଦ୍ୱାରା ପ୍ରସ୍ତୁତ କରାଯିବାର ଭ୍ରାନ୍ତ ଧାରଣା ସୃଷ୍ଟି କରିଥିଲା । ତତ୍‌ପରେ ହ୍ୱାଇଟ୍ ହାଉସ୍ ଏବଂ ଆମେରିକୀୟ କୃଷି ସଚିବଙ୍କ ମତ ଭାରତକୁ ଆମେରିକୀୟ ବାଣିଜ୍ୟିକ ଶକ୍ତି ନିକଟରେ ଆତ୍ମସମର୍ପଣକାରୀ ଭାବରେ ଚିତ୍ରିତ କରିଥିଲା। ଆଉ ଟିକିଏ ଆଗକୁ ମାଡିଯାଇ ମାର୍ଚ୍ଚ ଇରାନ ଯୁଦ୍ଧ ପାଇଁ ଭାରତକୁ ରୁଷିଆରୁ ତୈଳ ଆମଦାନୀ ମହଲତ ଦେଇଛି ବୋଲି ଆମେରିକାର ଦାବି ପ୍ରକୃତ ଦେଶପ୍ରେମୀ ଭାରତୀୟଙ୍କୁ ନିଶ୍ଚିତ ଭାବରେ ଦ୍ୱନ୍ଦ୍ୱରେ ପକାଇଥିବ । ଆମେରିକାର ଅର୍ଥନୈତିକ ଆକ୍ରମଣ ଧମକକୁ ବୁଝିବାର ସୁଯୋଗ ପ୍ରଦାନ କରିଥିବ ବୋଲି ଅନୁମେୟ। ପ୍ରତିକ୍ରିୟାରେ ଭାରତୀୟ ନୀତି ଚାଳକ ଓ ବିଶାରଦମାନେ ଏହିଘୋଷଣାକୁ କ୍ରମାଗତ ଭାବରେ ପରିବର୍ତ୍ତନକରି ନୂତନ ସୁଯୋଗର ପଥ ଭାବରେ ଚୁକ୍ତିନାମାକୁ ସ୍ୱାଗତ କରିଚାଲିଛନ୍ତି,କିନ୍ତୁ ତୈଳ ପ୍ରତିବନ୍ଧକ, କୃଷି ପ୍ରବେଶ କିମ୍ବା ସମ୍ପୂର୍ଣ୍ଣ ଶୁଳ୍କ ଉଚ୍ଛେଦ ସମ୍ପର୍କରେ ଟ୍ରମ୍ପଙ୍କ ନିର୍ଦ୍ଦିଷ୍ଟ ଦାବିକୁ ସ୍ୱଷ୍ଟ ଭାବରେ ଜନସାଧାରଣଙ୍କୁ ବୁଝାଇବାକୁ ଅକ୍ଷମ ବୋଲି ଜଣାପଡେ । ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ପାରସ୍ପରିକ ୧୮ ପ୍ରତିଶତ ଶୁଳ୍କ ସୀମା ଉପରେ କେବଳ ଏକ ଆସ୍ଥାଭାଜନ ବୁଝାମଣାକୁ ସ୍ୱୀକାର କରିଥିଲେ । ପରବର୍ତ୍ତୀ ଦଶନ୍ଧି ମଧ୍ୟରେ ଆମେରିକୀୟ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଆମଦାନି ବୃଦ୍ଧି କରିବାକୁ ଇଚ୍ଛୁକତା ପ୍ରକାଶ କରିବା ସହିତ ଭାରତର ଦୁର୍ବଳ କୃଷି କ୍ଷେତ୍ର ଏବଂ ସମ୍ବେଦନଶୀଳ ଶିଳ୍ପଗୁଡ଼ିକ ସୁରକ୍ଷିତ ରହିବ ବୋଲି ସତର୍କତାର ସହିତ ଜୋରଦାର ମତ ଦେଇଥିଲେ । ସାଂଗଠନିକ ବାସ୍ତବତା ଘୋଷଣା ଏବଂ କାର୍ଯ୍ୟାନ୍ୱୟନ ମଧରେ ବ୍ୟବଧାନକୁ ଚତୁରତାର ସହିତ ପ୍ରକାଶ କରିଥିଲେ ।(କ୍ରମଶଃ)

ମୋ -୯୪୩୭୧୨୩୮୯୨

“

ଆମେରିକାର ଇରାନ ଉପରେ ଆକ୍ରମଣର ଉଦ୍ଦେଶ୍ୟ କେବଳ ସେଠାରେ କ୍ଷମତା ପରିବର୍ତ୍ତନ ନୁହେଁ ବରଂ ଏହାର ଏକ ବୃହତ୍ତର ଲକ୍ଷ୍ୟ ରହିଛି ଯେଉଁଟି ହେଉଛି ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ଆଧିପତ୍ୟ ପ୍ରତିଷ୍ଠା। ଇରାନର ନେତୃବୃନ୍ଦମାନଙ୍କୁ ସମୂଳେ ଧ୍ୱଂସ କରି ୱାଶିଂଟନ ଓ ତେଲ ଅଭିଭ୍ ଏକ ସ୍ୱତନ୍ତ୍ର ଡକ୍‌ଟ୍ରାଇନ ଦ୍ୱାରା ମଧ୍ୟପ୍ରାଚ୍ୟର ଅନ୍ୟ ଆଞ୍ଚଳିକ ଶକ୍ତିମାନଙ୍କୁ ନିୟନ୍ତ୍ରଣ କରି କ୍ଷମତା ହାତେଇବାକୁ ଚାହାନ୍ତି।

# ରେଡକ୍ରସ୍ ଆଦର୍ଶ: ସମଗ୍ର ଜାତିର ମୂଳମନ୍ତ୍ର ହେଉ

**ତପନ କୁମାର ପରିଡା**

ମାନବର ସେବା ସମସ୍ତଙ୍କର ବଡ଼ କର୍ତ୍ତବ୍ୟ ହେବା ଉଚିତ । କାରଣ ଯେଉଁଠି ଯନ୍ତ୍ରଣା ଅଛି, ସେଠି ସହାୟତା ପହଞ୍ଚିବା ଦରକାର। ସତ୍ୟ ଓ ଅହିଂସା ସହ ମାନବର ସେବା ହିଁ ଜୀବନର ସର୍ବୋଚ୍ଚ ଧର୍ମ ହେବା ଦରକାର। ମାନବତା ଓ ସହାନୁଭୂତି ବିନା ସଭ୍ୟତାର ଅର୍ଥ ନାହିଁ। ସେବା ଓ ଭଲପାଇବା ଦ୍ୱାରା ଆମେ ଜଗତକୁ ଶାନ୍ତି ଦେଇପାରିବା। ଯୁବପିଢ଼ି ଯଦି ସେବା ଓ ସହଯୋଗ ମନୋଭାବ ଗ୍ରହଣ କରି କାର୍ଯ୍ୟ କରନ୍ତି, ତେବେ ଦେଶ ଓ ବିଶ୍ୱର ଉନ୍ନତି ସୁନିଶ୍ଚିତ । ଯେଉଁ ସେବା ଓ ସହଯୋଗ ମନୋଭାବକୁ ଆଜିର ସମୟରେ ରେଡକ୍ରସ ପ୍ରେରଣା ଦେଉଛି । ରେଡ କ୍ରସ ଯୁଦ୍ଧ ଓ ଦୁର୍ବିପାକ ସମୟରେ ମାନବତାର ଦୀପଶିଖା ଭଳି କାମ କରେ । କାରଣ ମାନବ ସେବା ହିଁ ମାଧବ ସେବା। ଦୁଃଖୀ ଓ ପୀଡ଼ିତଙ୍କୁ ସହାୟତା କରିବା ହେଉଛି ରେଡକ୍ରସର ମୂଳମନ୍ତ୍ର।

ଅତୀତର ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଆମେ ଦେଖିବାକୁ ପାଇବା ଯେ, ଯୁଦ୍ଧ, ଦୁର୍ଘଟଣା, ପ୍ରାକୃତିକ ବିପଦ, ଦାରିଦ୍ର୍ୟ, ଦୁଃଖ ଓ ରୋଗ କିପରି ମାନବଜାତିକୁ ପ୍ରପୀଡ଼ିତ କରିଛି। ଏହି ସମୟରେ ମାନବତାର ରଶ୍ମି ରୂପେ ଉଭା ହୋଇଛି ସେବା। ଏହି ମହାନ ମୂଲ୍ୟବୋଧକୁ ବିଶ୍ୱ ସ୍ତରରେ ପ୍ରଚାର କରିବା ପାଇଁ ଯେଉଁ ସଂଗଠନଟି ଅସାଧାରଣ ଭୂମିକା ଗ୍ରହଣ କରିଛି, ତାହାର ନାମ ହେଉଛି ରେଡ୍ କ୍ରସ୍। ସ୍ୱାସ୍ଥ୍ୟ ସେବା ଓ ବିଶ୍ୱ ବନ୍ଧୁତାର ନୀତିରେ ରେଡ୍ କ୍ରସ୍ ଉଦଭାସିତ।

ରେଡ୍ କ୍ରସର ଏହି ନୀତି କେବଳ ରେଡ୍ କ୍ରସ୍ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ପ୍ରତ୍ୟେକ ଜାତିର ମୂଳମନ୍ତ୍ର ହେବା ଦରକାର। ଏହି ରେଡ୍ କ୍ରସ୍ ଜନ୍ମନିଏ ଏକ ଯୁଦ୍ଧର ବିଭୀଷିକାରୁ । ଯାହାର ନାମ ଥିଲା ସଲଫୋରିନୋ ଯୁଦ୍ଧ। ଏହି ଯୁଦ୍ଧ ୧୮୫୯ ମସିହାରେ ଇଟାଲୀର ଲମ୍ବାର୍ଡି ଅଞ୍ଚଳର ଥିବା ସଲଫେରିନୋ ନାମକ ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଦ୍ଧରେ ହଜାର ହଜାର ଆହତ ସୈନିକମାନଙ୍କ ଦୁଃଖଦ ଅବସ୍ଥା ଦେଖି ଭାବବିହ୍ୱଳ ହୋଇଯାଇଥିଲେ ଯୁବ ବ୍ୟବସାୟୀ ହେନେରୀ ଡୁନାଣ୍ଟ। ଆହତ ସୈନିକମାନଙ୍କର ଆର୍ତ୍ତଚିତ୍କାରକୁ ସହ୍ୟ କରି ନ ପାରି ରାତ୍ରିର ଘନ ଅନ୍ଧାକାରରେ ନିକଟସ୍ଥ ଗ୍ରାମକୁ ଯାଇ ଲୋକମାନଙ୍କୁ ଡାକି ପ୍ରାଥମିକ ଚିକିତ୍ସା ଦେବା ଆରମ୍ଭ କରିଥିଲେ।

ପରେ ଏହି ଅନୁଭବ ତାଙ୍କୁ ପ୍ରେରିତ କଲା ଏମିତି ଏକ ସଂସ୍ଥା ଗଠନ କରିବାକୁ, ଯାହା ଯୁଦ୍ଧ ଓ ବିପଦ ସମୟରେ ମାନବ ସେବାରେ ନିଯୁକ୍ତ ହେବ। ୧୮୬୪ ମସିହାରେ ପ୍ରତିଷ୍ଠା ହେଲା ଅନ୍ତର୍ଜାତୀୟ ରେଡ୍ କ୍ରସ୍ ସମିତି। ଏହାପରେ ଏହା ବିଶ୍ୱରେ ଏକ ବିଶାଳ ମାନବାଦୀ ଆନ୍ଦୋଳନରେ ପରିଣତ ହେଲା। ବର୍ତ୍ତମାନ ରେଡ୍ କ୍ରସ୍ ସାତଟି ମୂଳ ନୀତି ଉପରେ କାର୍ଯ୍ୟ କରୁଛି। ଏହି ନୀତିଗୁଡିକ ହେଉଛି — ମାନବତା, ନିରପେକ୍ଷତା, ପକ୍ଷପାତହୀନତା, ସ୍ୱାଧୀନତା, ସେବା, ଏକତା ଓ ସାର୍ବଜନୀନତା।

ମାନବତା ରେଡ୍ କ୍ରସ୍‌ର ପ୍ରଥମ ଓ ସର୍ବପ୍ରଧାନ ନୀତି। ଯେଉଁଠି ମାନବ ଅସୁବିଧାରେ ରହିଛି, ସେଠି ସେବା ଦେବା ଏହାର ପ୍ରଧାନ ଲକ୍ଷ୍ୟ। ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ରାଷ୍ଟ୍ରର ଭେଦଭାବ ଭୁଲି ମାନବତାକୁ ସେବା କରିବା ଏହାର ମୂଳମନ୍ତ୍ର ଅଟେ।

ରେଡ୍ କ୍ରସ୍ କୌଣସି ଦଳ, ଧର୍ମ କିମ୍ବା ରାଷ୍ଟ୍ର ପ୍ରତି ପକ୍ଷପାତ କରେ ନାହିଁ। ଯେଉଁଠାରେ ଆବଶ୍ୟକତା ରହିଛି, ସେଠାରେ ରେଡ୍ କ୍ରସ୍ ସେବା ଯୋଗାଏ । ଏହି ନୀତି ଯୋଗୁଁ ରେଡ୍ କ୍ରସ୍ ଆଜି ବିଶ୍ୱରେ ବିଶେଷ ପ୍ରାସଙ୍ଗିକ ହୋଇପାରିଛି। ନିରପେକ୍ଷତା ରେଡ୍ କ୍ରସର ଏକ ମହାନ ଅସ୍ତ୍ର। ଏହାକୁ ପ୍ରୟୋଗ କରି ସେ ସମଗ୍ର ବିଶ୍ୱରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି। ଯଦିଓ ରେଡ୍ କ୍ରସ୍ ସରକାରଙ୍କ ସହ କାମ କରେ, ତଥାପି ସେ ସବୁ କାର୍ଯ୍ୟରେ ନିଜର ସ୍ୱାଧୀନତାକୁ ବଜାଇ ରଖିଥାଏ, ଯାହା



ଆଜିର ଲୋକତାନ୍ତ୍ରିକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ। ସେବା ହେଉଛି ରେଡ୍ କ୍ରସର ଆତ୍ମା। ସ୍ୱେଚ୍ଛାକୃତ ସେବା ଦ୍ୱାରା ଏହାର କାର୍ଯ୍ୟ ସର୍ବଦା ଚାଲିଥାଏ । ଫଳରେ ଅନେକ ଜଟିଳ ସମସ୍ୟାର ସମାଧାନ ଅତି ସହଜରେ ହୋଇପାରେ। ପ୍ରତ୍ୟେକ ଦେଶରେ ଏକମାତ୍ର ସଂଗଠନ ରେଡ୍ କ୍ରସ୍ ଯାହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ନିଜର କାର୍ଯ୍ୟ କରେ। ଏହି ନୀତି ଜାତୀୟ ଏକତା ଓ ସାମ୍ପ୍ରଦାୟିକ ସମ୍ମିଳନୀ ପାଇଁ ପ୍ରେରଣା ଯୋଗାଇଥାଏ। ସେହିପରି, ରେଡ୍ କ୍ରସ୍ ବିଶ୍ୱର ଏକ ଏପରି ସଂଗଠନ, ଯାହା ସମସ୍ତ ଦେଶକୁ ଏକପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ମାନବବାଦକୁ ଏକ ପରିବାରର ଧାରଣା ଦେଇଥାଏ।

ଅଧୁନା ବିଶ୍ୱରେ ଯୁଦ୍ଧ, ଆତଙ୍କବାଦ, ସୀମା ବିବାଦ, ମହାମାରୀ ପରି ଅନେକ ସମସ୍ୟା ଦେଖା ଦେଉଛି। ଏହି ସମସ୍ୟାଗୁଡ଼ିକର ସମାଧାନ କେବଳ ଧନ ଦ୍ୱାରା ସମ୍ଭବ ନୁହେଁ, ବରଂ ସେବା, ସହଯୋଗ ଓ ମାନବବାଦ ଦ୍ୱାରା ସମ୍ଭବ। ଯଦି ପ୍ରତ୍ୟେକ ଜାତି ରେଡ୍ କ୍ରସ୍‌ର ନୀତିକୁ ମୂଳମନ୍ତ୍ର ରୂପେ ଗ୍ରହଣ କରି କାର୍ଯ୍ୟ କରିବେ, ତେବେ ସେମାନଙ୍କ ଦେଶର ନାଗରିକମାନଙ୍କ ମଧ୍ୟରେ ସହାନୁଭୂତି ଓ ସହଯୋଗ ବୃଦ୍ଧି ପାଇବା ସହିତ ସାମ୍ପ୍ରତିକ ହିଂସା ମଧ କମିବ। ବିଦ୍ୟାଳୟ ଓ କଲେଜଗୁଡ଼ିକରେ ରେଡ୍ କ୍ରସ୍‌ର ନୀତିଗୁଡ଼ିକର ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ ଅଟେ, କାରଣ ଛାତ୍ରଛାତ୍ରୀମାନେ ଛୋଟଦିନରୁ ସେବା ଓ ମାନବବାଦର ମୂଲ୍ୟ ବୁଝିପାରିବେ। ସେମାନେ ସଚେତନ ହୋଇ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବେ।ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା, ମରୁଡ଼ି, ମହାମାରୀ ଆଦି ସମୟରେ ରେଡ୍ କ୍ରସ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ସମୟରେ ଲୋକମାନଙ୍କୁ ଖାଦ୍ୟ, ବସ୍ତ୍ର, ଔଷଧ ଓ ଆଶ୍ରୟ ଯୋଗାଇବା ଏହାର ପ୍ରଧାନ କାର୍ଯ୍ୟ ଅଟେ। ଏହି ଆଦର୍ଶକୁ ଯଦି ପ୍ରତ୍ୟେକ ରାଷ୍ଟ୍ର ଅନୁସରଣ କରି କାର୍ଯ୍ୟ କରିବେ, ତେବେ ସେମାନେ ଦୁର୍ଘଟଣା ସମୟରେ ଜନସେବା କାର୍ଯ୍ୟରେ ଅଧିକ ସକ୍ଷମ ହୋଇପାରିବେ। ରେଡ୍ କ୍ରସ୍ ସମାଜର ସ୍ୱାସ୍ଥ୍ୟ, ସଚେତନତା, ରକ୍ତଦାନ, ପ୍ରାଥମିକ ଚିକିତ୍ସା, ଶିକ୍ଷା ଓ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଏ। ଯଦି ପ୍ରତ୍ୟେକ ରାଷ୍ଟ୍ର ଏହି ନୀତିଗୁଡ଼ିକୁ ଅପଣାଇ ନେଇଥାନ୍ତେ, ତେବେ ସେ ରାଷ୍ଟ୍ରର ଲୋକମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ସମ୍ଭବ ହୋଇପାରିବ।

ବିଶ୍ୱ ଶାନ୍ତି ପାଇଁ କେବଳ ଚୁକ୍ତିନାମା ବା ସମ୍ମିଳନୀ ସକ୍ଷମ ନୁହେଁ; ସେଥିପାଇଁ ମାନବ ମନରେ ସହାନୁଭୂତି ଓ ସମ୍ମାନ ରହିବା ଆବଶ୍ୟକ। ରେଡ୍ କ୍ରସ୍ ଏହି ନୀତିମାନଙ୍କର ବିକାଶ କରେ, ଯାହା ଦ୍ୱାରା ଦେଶଗୁଡ଼ିକ ମଧ୍ୟରେ ବିଶ୍ୱାସ ଓ ସମ୍ମାନ ବଜାୟ ରହିପାରେ। ଭାରତରେ ୧୯୨୦ ମସିହାରେ ରେଡ୍ କ୍ରସ୍‌ର ସ୍ଥାପନା ହୋଇଥିଲା। ସ୍ୱାଧୀନତା ପରେ ଦେଶର ଦୁର୍ଦ୍ଦିନ ସମୟରେ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ବିଶେଷ କରି ଓଡ଼ିଶା ପରି ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟରେ ଏହାର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ।

ଯଦି ଆଜିର ଯୁବପିଢ଼ି ରେଡ୍ କ୍ରସ୍‌ର ଆଦର୍ଶରେ ଅନୁପ୍ରେରିତ ହେବେ, ତେବେ ସମାଜରେ ଏକ ନୂଆ ଆଶାର କିରଣ ସଞ୍ଚାରିତ ହେବ। ସମାଜର ଉନ୍ନତି କେବଳ ଆର୍ଥିକ ବିକାଶରେ ସୀମିତ ନୁହେଁ। ରେଡ୍ କ୍ରସ୍‌ର ସାତୋଟି ନୀତି ପ୍ରତ୍ୟେକ ରାଷ୍ଟ୍ର ବା ଜାତି ପାଇଁ ଏକ ଆଦର୍ଶ ମାର୍ଗଦର୍ଶିକା। ଯଦି ସମସ୍ତେ ଏହାକୁ ଗ୍ରହଣ କରନ୍ତି, ତେବେ ବିଶ୍ୱରେ ଶାନ୍ତି, ସହଯୋଗ ଓ ମାନବବାଦର ଏକ ନୂଆ ଯୁଗ ସୃଷ୍ଟି ହେବ। ତେଣୁ ଆମେ ସମସ୍ତେ ରେଡ୍ କ୍ରସ୍‌ର ନୀତିକୁ ଜୀବନରେ ଅନୁସରଣ କରିବା ଉଚିତ ଓ ମାନବବାଦକୁ ଜୀବନର ସବୁଠୁ ବଡ଼ ଧର୍ମ ଭାବେ ଗ୍ରହଣ କରି କାର୍ଯ୍ୟ କରିବା ଉଚିତ।

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ଗୁମୁଡା, କୋଟପାଡ଼, କୋରାପୁଟ
ମୋ -୯୬୯୨୮୩୫୩୭୮

09.03.2026.pmd 1 3/8/2026, 5:39 PM

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ

ଭଦ୍ରକ, ୮ ।୩ (ନିପ୍ର): ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାର ସଂସ୍କୃତି ଭବନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ ପରେ ଦୀପ ପ୍ରଜ୍ୱଳନ କରାଯାଇ ଅନୁଷ୍ଠାନର ଶୁଭାରମ୍ଭ ହୋଇଥିଲାଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉପସ୍ଥିତ ଥିଲେ। ୬ରୁ ଆରମ୍ଭ ହୋଇଥିବା ଉକ୍ତ ଓଡ଼ିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦବୋଧନ ଦେଇ ଜିଲ୍ଲାପାଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ ଭାବରେ ପ୍ରୟୋଗ କରିପାରିବେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢୀ ,ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ଡ଼. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧାପକ ଡ଼. ରମେଶ ଚନ୍ଦ୍ର ମଲ୍ଲିକ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ମନୋରଂଜନ ପାଣିଗ୍ରାହୀ , ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ମହାଲେଖାପାଳ (ଇ.ଏ.), ଓଡିଶା, ପ୍ରମୁଖ ଅତିଥିମାନେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନଥି କିପରି ସଠିକ୍ ଭାବେ ପ୍ରସ୍ତୁତ ଓ ଉପସ୍ଥାପନା କରିବେ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେଅତିଥିମାନେ ତାଙ୍କ ଉଦବୋଧନରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା, ୮ ।୩ (ନିପ୍ର); କଳାହାଣ୍ଡି ଜିଲ୍ଲାର ଜଣେ ଛାତ୍ର ବତ୍ସଳ ଆଦର୍ଶ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ବେହେରାଙ୍କୁ ଜୁନାଗଡ ବ୍ଲକ ଅନ୍ତର୍ଗତ ଗଡଡଛେଣ୍ଡିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠ ଠାରେ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକମାନେ ଉପସ୍ଥିତ ରହି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ନିଜ କର୍ମମୟ ଜୀବନ ମଧ୍ୟରେ ଗୋଟିଏ ବେସରକାରୀ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିଥିଲେ। ତାଙ୍କରି ଉଦ୍ୟମ ବଳରେ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତିର ସହ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ପାଇ ବର୍ତ୍ତମାନ ଦେଶ ବିଦେଶରେ ଚାକିରୀ କରିବାର ଶୌଭାଗ୍ୟଲାଭ କରିଛନ୍ତି। ଜଣେ ମିଷ୍ଟଭାଷୀ, ପରିଶ୍ରମୀ ଏବଂ କର୍ତ୍ତବ୍ୟପରାୟଣତା ଯୋଗୁଁ ସେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଶେଷ କରି ଅଭିଭାକମାନଙ୍କ ପ୍ରଶଂସାର ପାତ୍ର ହୋଇପାରିଥିଲେ। ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଗୋଡଡଛେଣ୍ଡିଆ ଅଞ୍ଚଳର ବୟୋବୃଦ୍ଧ ବର୍ଷୀୟାନ୍ ବ୍ୟକ୍ତି ଟିକ୍‌ଚନ୍ ନାଗ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଏବିଇଓ ସୁଶାନ୍ତ କୁମାର ଠାକୁର ଯୋଗଦେଇଥିଲେ। ଏହି ବିଦାୟକାଳିନ ସଭାରେ ଗଡଡ ଛେଣ୍ଡିଆ ସରପଞ୍ଚ ଶିବପ୍ରସାଦ ହାତୀ, ସ୍କୁଲ ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ହାତୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ବେହେରାଙ୍କ ନୀତି, ଆଦର୍ଶ କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ଉକ୍ତ ବିଦ୍ୟାଳୟ ଜିଲ୍ଲାର ଏକ ଅଗ୍ରଣୀ ବିଦ୍ୟାଳୟରେ ପରିଗଣିତ ହୋଇଥିବା ପ୍ରକାଶ କରିଥିଲେ।

## ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା,୮ ।୩ (ନିପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ଗ୍ରାମ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବଦତ୍ତ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାରଣା, ମୁଖ୍ୟବକ୍ତା ଭାବେ ମାଣିତର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ଅନୁପ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅନିଲ କୁମାର ମହାରଣା, ସ୍ଥାନୀୟ ସମିତି ମେମ୍ବର ଜୟଦେବ ପ୍ରଧାନ, ମାଣିତରା କ୍ଲଷ୍ଟର ସିଆରସିସି ଶଶିକାନ୍ତ ପ୍ରଧାନ ଓ ବିଦ୍ୟାଳୟର ସଭାପତି ଡାକ୍ତର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମେତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପ୍ରାକୃତିକ ସୁରେଇ ପାଣି ଶରୀର ପ୍ରତି ଉପକାରୀ

ଭାପୁର,୮ ।୩ (ନିପ୍ର): ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବା ବେଳେ ଶୀତଳ ବା ଥଣ୍ଡା ପାଣି ସମସ୍ତଙ୍କର ପସନ୍ଦ। ସେଥିପାଇଁ ଅତୀତରେ ମାଟିପାତ୍ର ସୁରେଇରେ ପାଣି ରଖି ଲୋକମାନେ ଶୀତଳ ପାଣି ବ୍ୟବହାର କରି ନୀରୋଗ ରହୁଥିଲେ। ଅତୀତରେ,ପ୍ରାୟତଃ ଘରେଘରେ ସୁରେଇ ର ବ୍ୟବହାର ହେଉଥିଲା ଏବଂ ଧନିକ ଶ୍ରେଣୀୟ ବ୍ୟକ୍ତି ଫ୍ରିଜ ବ୍ୟବହାର କରୁଥିଲେ। ବର୍ତ୍ତମାନ ଆଧୁନିକ ଛାପରେ ପଡି ସମସ୍ତେ ଫ୍ରିଜର ଥଣ୍ଡା ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର କରୁଛନ୍ତି ଫଳରେ,ଅନେକ ଲୋକ ବିଭିନ୍ନ ବ୍ୟାଧିରେ ପୀଡିତ ହେଉଥିବା ନଜିର ରହିଛି କିନ୍ତୁ,ଅତୀତରେ ମାଟି ପାତ୍ରର ଶୀତଳ ପାଣି ପିଇ ଶୋଷିଲା ବ୍ୟକ୍ତି ଟିଏ ନୀରୋଗ ରହୁଥିଲା। ବର୍ତ୍ତମାନ କୁମ୍ଭକାରମାନେ ରହିଛନ୍ତି କିନ୍ତୁ,ସେମାନଙ୍କର ବୃତ୍ତିରୁ ନିବୃତ୍ତି ରହିବାରୁ ଆଉ ଗାଁ ଗହଳିରେ ମାଟିପାତ୍ରର ସୁରେଇ ମିଳୁନାହିଁ କାରଣ ସମସ୍ତେ ଆଧୁନିକ ଛାପରେ ପେଷି ହୋଇ ଫ୍ରିଜ ବ୍ୟବହାର କରିବାରୁ ସୁରେଇ ଦୂରେଇଗଲାଣି।ମାଟି ହେଉଛି ଇଶ୍ୱର ଦତ୍ତ ତେଣୁ,ମାଟି ପାତ୍ରର ପାଣି ପ୍ରାକୃତିକ ହୋଇଥିବାରୁ ପିଇଲେ ଶରୀର ନୀରୋଗ ରହିଥାଏ ବୋଲି ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଡଃ ପ୍ରଦୀପ୍ତ କିଶୋର ପାଇକରାୟ ପ୍ରକାଶ କରିଛନ୍ତି। ତାଙ୍କ ମତରେ, ପ୍ରାକୃତିକ ସୁରେଇ ପାଣି ଶରୀର ପ୍ରତି ଉପକାରୀ ଅର୍ଥାତ ହଜମ ଶକ୍ତି ବଢ଼େଇବା ସହିତ ଶରୀର ଭିତରର ବିଷାକ୍ତ ପଦାର୍ଥକୁ ବାହାର କରିଥାଏ।ସୁରେଇ ପାଣିରେ କ୍ଷରୀୟ ଗୁଣ ରହିଥିବାରୁ ଶରୀରରେ ଏସିଡିଟି ଅଂଶକୁ କମ କରିଥାଏ,ପେଟ ସମସ୍ୟା ଦୂର କରିଥାଏ,ଗଳା ସଂକ୍ରମଣ ହୋଇ ନ ଥାଏ ଏବଂ ଚୟାପଚୟ ବଢ଼େଇଥାଏ କିନ୍ତୁ,କ୍ଷଣିକ ସୁଖ ପାଇଁ ଫ୍ରିଜ ର ବୋତଲ ପାଣି ପିଇଲେ ମନୁଷ୍ୟ ବିଭିନ୍ନ ରୋଗରେ ପୀଡିତ ହୋଇ ଡାକ୍ତରଖାନା ଯାଇଥାଏ। ଫ୍ରିଜ ର ଥଣ୍ଡା ପାଣି ପିଇବା ଦ୍ୱାରା ଗଳା ସଂକ୍ରମଣ, ଖାଦ୍ୟ ଠିକ ରୂପେ ହଜମ ନ ହେବା, ସର୍ଦ୍ଦି ଜନିତ ରୋଗ ଲାଗି ରହିବା,ବାତ ଜନିତ ରୋଗ ହେବା,ଥକ୍କାପଣ ବଢେଇବା, ମାଂସପେଶୀ,ଦାନ୍ତ ଓ ମୁଣ୍ଡ ବିନ୍ଧା ହେବା,ଶିରାପ୍ରଶିରା ଗୁଡିକ ନିସ୍ତେଜ ହେବାରୁ ହୃଦସ୍ପନ୍ଦନ ପ୍ରକ୍ରିୟାକୁ ଦୁର୍ବଳ କରିଥାଏ ଯାହାଦ୍ୱାରା ହୃଦ୍‌ଘାତ ହେବାର ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ବୈଜ୍ଞାନିକ ତଥା ଡାକ୍ତର ମାନେ ପ୍ରକାଶ କରିଛନ୍ତି।ଉପରୋକ୍ତ ଲକ୍ଷଣ ବ୍ୟକ୍ତିଙ୍କ ନିକଟରେ ଦେଖାଦେଲେ ଯେତେ ଚିକିତ୍ସା ହେଲେ ମଧ୍ୟ ଏହା ଧୀରେଧୀରେ ମୃତ୍ୟୁ ଆଡକୁ ଟାଣି ନେଇଥାଏ ତେଣୁ,ଅତୀତ ଆମ ପାଇଁ ସବୁବେଳେ ସ୍ମୃତି ହୋଇ ରହିଥିବ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୦ ୟୁନିଟ ସଂଗ୍ରହ

ରମ୍ଭା,୮ ।୩ (ନିପ୍ର): ଗଞ୍ଜାମ ସହର ସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟ ଠାରେ ଗଞ୍ଜାମ ପ୍ରେସ କ୍ଲବ ଓ ଗ୍ରାସୀମ କମ୍ପାନୀ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଗ୍ରାସୀମ କମ୍ପାନୀ ୟୁନିଟ ହେଡ୍ ଅଜୟ ଗୁପ୍ତା, ଜନ ସମ୍ପର୍କ ଅଧିକାରୀ ସୁସ୍ମିତା ବେହେରା, ପୁରସ୍ତମ ମୁଦୁଲି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଶିବିରରେ ରକ୍ତଦାନ ମହାପୁଣ୍ୟ ସମାଜକୁ ସଚେତନତା ବାର୍ତ୍ତା ଦେଇ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଗଣ ମାଧ୍ୟମ ପ୍ରତିନିଧି ମାନେ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ଛତ୍ରପୁର ୮ ବାଟାଲିୟନ ଦୁର୍ଗପତି ସାରଦା ପ୍ରସାଦ ଦାସ,ସହକାରୀ ଦୁର୍ଗପତି ବିଶ୍ୱଜିତ ବିଶ୍ୱାଳ ହାବିଲଦାର ସିପାହୀ ଶାଖା ସଙ୍ଘ ସଭାପତି ଯଶୋବନ୍ତ ସ୍ୱାଇଁ,ଗଞ୍ଜାମ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ସମାଜସେବୀ ସି ଏଚ ବୈରାଗି ରେଡ୍ଡି, ସମିତିସଭ୍ୟ ଧ୍ରୁବ ଚରଣ ପଲାଇ,ଆଇନଜୀବୀ ଛାୟାକାନ୍ତ ପ୍ରଧାନ, ମହାବିଦ୍ୟାଳୟ ମୁଖ୍ୟ ପରିଚାଳକ ମଙ୍ଗରାଜ ପଣ୍ଡା, ଅଧ୍ୟକ୍ଷା ସୁନିତା ରାଉତ ରାୟ, ଅଧ୍ୟାପକ ଆକାଶ ସାହୁ,ଛତ୍ରପୁର ପ୍ରେସ କ୍ଲବ ସଭାପତି ସରୋଜ କୁମାର ସାମଲ, ଓଜେୟୁ ଗଞ୍ଜାମଜିଲ୍ଲା ଉପ ସଭାପତି ପ୍ରଶାନ୍ତ କୁମାର ମହାରଣା, ରାଧାଶ୍ୱାମ ଫାଉଣ୍ଡେସନ ମୁଖ୍ୟ ଦେବାଶିଷ ମିଶ୍ର, ଅଧ୍ୟାପକ ଦୁର୍ଗା ଚରଣ ଦାଶ, ସମାଜସେବୀ ନିରାକାର ମହାରଣା ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସମ୍ବାଦିକଙ୍କ ଏପରି ଜନ କଲ୍ୟାଣ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ଶିକ୍ଷା ବିକାଶର ଚାବିକାଠି: ଗଣଶିକ୍ଷାମନ୍ତ୍ରୀ

ରାୟଗଡା,୮ ।୩ (ନିପ୍ର): ଜିଲ୍ଲାସ୍ତରୀୟ ପିଏମଶ୍ରୀ ମେଳା ସହ ଆଭାସୀ ସଂସଦ କାର୍ଯ୍ୟକ୍ରମ ଦୁଇଦିନ ଧରି ଜିସିଡି ଉଚ୍ଚବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ଯୋଗଦେଇ ଉଦ୍‌ବୋଧନ ରଖିଥିଲେ । ବିକଶିତ ଭାରତ ଗଠନ ନିମନ୍ତେ ବିକଶିତ ଓଡିଶା ର ପ୍ରସ୍ତୁତି ଓ ୨୦୩୬ ମସିହା ସୁଦ୍ଧା ଲକ୍ଷ୍ୟ ହାସଲ ପାଇଁ ସରକାର ସଂକଳ୍ପ ବଦ୍ଧ । ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ସରକାର ମୋଟ ଛବିଶି ଗୋଟି ଉଚ୍ଚ ବିଦ୍ୟାଳୟକୁ ପିଏମଶ୍ରୀ ଘୋଷଣା କରିଛନ୍ତି । ଏଠାରେ ପିଲାଙ୍କୁ ସ୍ମାର୍ଟ ଶ୍ରେଣୀଗୃହ, ଡିଜିଟାଲ ଶିକ୍ଷା ସହ ଏକବିଂଶ ଶତାବ୍ଦୀ ଉପଯୋଗୀ କୌଶଳ ଶିକ୍ଷା ପ୍ରଦାନ କରାଯାଉଛି। ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟ ଗୁଡିକର ବିକାଶ କରିବା ସହ ନୂତନ ଶିକ୍ଷକ ପଦବୀ ପୂରଣ, ଓଡ଼ିଆ ଭାଷାର ଅସ୍ମିତା ରକ୍ଷା ସହ ଆଞ୍ଚଳିକ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା, ଅଧାରୁ ପାଠ ଛାଡିଥିବା ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ବୟସ୍କଙ୍କ ପାଇଁ ମୁକ୍ତ ବିଦ୍ୟାଳୟ ଶିକ୍ଷାଦାନର ବ୍ୟବସ୍ଥା, ମାଧୋସିଂ ହାତ ଖର୍ଚ୍ଚ ଯୋଜନା, ଉଚ୍ଚବିଦ୍ୟାଳୟର ଶିଶୁଙ୍କୁ ପୋଷଣ ଯୋଜନାରେ ସାମିଲ କରିବା ଆଦି ସରକାରଙ୍କ




ପଦକ୍ଷେପମାନ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସେହିପରି ମନ୍ତ୍ରୀ ଛାୟା ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇ ଆଦର୍ଶ ସଂସଦର ଉଦ୍‌ଘାଟନ କରିଥିଲେ । ଶିଶୁଙ୍କ ବିରୋଧୀ ଭୂମିକାରେ ବିକାଶ ସମ୍ପର୍କିତ ପ୍ରଶ୍ନବାଣ ଓ ଆଭାସୀ ବିଭାଗୀୟ ମନ୍ତ୍ରୀଙ୍କ ପ୍ରତ୍ୟୁତ୍ତରରେ ଆଭାସୀ ସଂସଦର ପରିସର ଅଧିକ ରୋମାଞ୍ଚକର ତଥା ହୃଦୟସ୍ପର୍ଶୀ ହୋଇଥିଲା ।ମନ୍ତ୍ରୀ ଓ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଆୟୋଜନର ଭୂୟସୀ ପ୍ରଶଂସା କରିବା ସହ ରାଜ୍ୟ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ପ୍ରଶଂସିତ ହେବା ପାଇଁ ଉତ୍ସାହିତ କରିଥିଲେ । ଶ୍ରୀ ଗଣ୍ଡ ପିଲାଙ୍କୁ ସାହାସୀ, ଆତ୍ମବିଶ୍ୱାସୀ ଓ କର୍ମବୀର ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହ ବିବେକାନନ୍ଦ ଓ ନେଲସନ ମଣ୍ଡେଲାଙ୍କ ଜୀବନୀର ଉଦାହରଣ ଦେଇ ଭଲ ମଣିଷ ହେବାର ମନ୍ତ୍ର ପ୍ରବର୍ତ୍ତାଇଥିଲେ । ଏଡିଇଓ ଶାନ୍ତିଲତା ମୁନି ଗଳ୍ପ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଅନେକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଉକ୍ତିରେ ପିଲାଙ୍କୁ ଚରିତ୍ର ଗଠନ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉତ୍ତମ ନାଗରିକ ଗଠନରେ ସାହାଯ୍ୟ କରେ , କର୍ତ୍ତବ୍ୟ ଓ ପରିଶ୍ରମର ଫଳ ସର୍ବଦା ମିଠା ହୋଇଥାଏ ବୋଲି କହିଥିଲେ । ବିଭିନ୍ନ କ୍ଷେତ୍ରରେ ପ୍ରଥମ ତିନିଜଣ କୃତୀ ଶିଶୁଙ୍କୁ ପୁରସ୍କୃତ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉତ୍ତମ ପ୍ରଦର୍ଶନକାରୀ ଶିଶୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ କହିଛନ୍ତି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ଶାନ୍ତିଲତା ମୁନି ଓ ସସ୍ମିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସହ ନମିତା ପଧାନ, ସୁନୀତା ଭୁଏ, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ସସ୍ମିତା ମିଶ୍ର, ସୁରେଶ ପଟ୍ଟନାୟକ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ , ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ, ପି ଏମ ଶ୍ରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ସମଗ୍ର ଶିକ୍ଷାର କର୍ମକର୍ତ୍ତା ବୃନ୍ଦ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଶ୍ରୀଗଣେଶଙ୍କ ମୂର୍ତ୍ତିକୁ ବୁହାଯାଉଛି ଲାଇଟ୍ ଷ୍ଟାଣ୍ଡରେ, ଜନ ଅସନ୍ତୋଷ

ଧାମନଗର,୮ ।୩ (ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ଠାରେ ଅନୁଷ୍ଠିତ ହେଉଥିବା ମେଲଣରେ ମେଢ଼ ପ୍ରସେଶନ ସମୟରେ ଭଗବାନ ଶ୍ରୀ ଗଣେଶଙ୍କ ମୂର୍ତ୍ତିକୁ ଲାଇଟ୍ ଷ୍ଟାଣ୍ଡରେ ବୁହାଯାଉଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି ।ଏବଂ ଭକ୍ତଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ପ୍ରସେଶନ ସମୟରେ ୮ରୁ ୧୦ଟି ଗଣେଶ ମୂର୍ତ୍ତିର ମୁଣ୍ଡ ଉପରେ ଲାଇଟ୍ ଲଦାଇ ରଖାଯାଇଥିବା ଓ ପଛରୁ କେତେକ ଲୋକ ଏହାକୁ ଠେଲି ଠେଲି ଆଗକୁ ନେଉଥିବା ଦୃଶ୍ୟ ଦେଖି ଅନେକ ଲୋକ ଆପତ୍ତି ଜଣାଇଛନ୍ତି। ଲୋକଙ୍କ କହିବା ଅନୁଯାୟୀ ହିନ୍ଦୁ ଧର୍ମରେ ଦେବାଦେବୀଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ ସହ ପୂଜା କରାଯାଏ। ଭଗବାନ ଶ୍ରୀ ଗଣେଶଙ୍କୁ ଶ୍ରେଷ୍ଠ ଓ ପ୍ରଥମ ପୂଜ୍ୟ ଦେବତା ଭାବେ ମାନି ଥାନ୍ତି ଓ ପ୍ରତ୍ୟେକ ଶୁଭ କାର୍ଯ୍ୟ ତାଙ୍କ ନାମ ସ୍ମରଣରେ ଆରମ୍ଭ ହୋଇଥାଏ। ଏହିପରି ଶ୍ରଦ୍ଧାର ପ୍ରତୀକ ଦେବତାଙ୍କ ମୂର୍ତ୍ତିକୁ ଲାଇଟ୍ ବୁହାଇବା ପାଇଁ ବ୍ୟବହାର କରାଯିବାକୁ କେତେକ ଲୋକେ ଶ୍ରୀ ଗଣେଶଙ୍କୁ ଅପମାନ ବୋଲି କହିଛନ୍ତି। ସୁଚନା ଥାଉକି ଶୁକ୍ରବାର ରାତିରେ ଆରମ୍ଭ ହୋଇଥିବା ଚୁଡ଼ାକୁଟି ମେଲଣ ରେ ବିଭିନ୍ନ ପଞ୍ଚାୟତର ଠାକୁର ବାଡି ରୁ ମେଢ଼ ଆଣିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ସାଉଣ୍ଡ, ଲାଇଟ୍ ଓ ନୃତ୍ୟ ଭଳି ପ୍ରଦର୍ଶନୀ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଏହି ମେଲଣ କୁ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ




ଭିଡ଼ ଜମେ। ତେବେ ଏହି ପ୍ରଷେଶନରେ ପ୍ରଭୁ ଶ୍ରୀଗଣେଶ ଙ୍କୁ ଯେପରି ଭାବରେ ବ୍ୟବହାର କରା ଯାଇଥିଲା ତାହା ସଧାରଣ ଭକ୍ତ ଙ୍କ ମନରେ ଆଘାତ ଦେଇଚି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ ମେଲଣ କମିଟିର ଭୂମିକା ଉପରେ ପ୍ରଶ୍ନ ଉଠାଇଥିବା ବେଳେ ଆଗାମୀଦିନରେ ଏପରି ଘଟଣା ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ଓ ମେଲଣ କମିଟି ସଚେତନ ହେବାକୁ ଦାବି କରିଛନ୍ତି। ତେବେ ହିନ୍ଦୁଙ୍କ ଦେବତା ଶ୍ରୀ ଗଣେଶଙ୍କୁ ଏପରି ପ୍ରସେଶନ୍‌ରେ ବ୍ୟବହାର କରିବା ନିହାତି ଦୁଃଖ ଦାୟକ ଘଟଣା ବୋଲି ସମାଜସେବୀ ତଥା ପଣ୍ଡିତ ଦୟାନିଧି ମିଶ୍ର କହିଛନ୍ତି।

## ନୂତନ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ି ଉଦ୍‌ଘାଟିତ

କୁଚିଣ୍ଡା,୮ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଶନିବାର ନୂତନ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ି ଉଦଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭା ବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ କହିଛନ୍ତି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସ୍ୱଚ୍ଛ ଭାରତ ଅଭିଯାନ'ର ସ୍ୱପ୍ନକୁ ସାକାର କରିବା ଦିଗରେ ବର୍ଜ୍ୟବସ୍ତୁ ସଂଗ୍ରହ ଦ୍ୱାରା କୁଚିଣ୍ଡା ସହର ସ୍ୱଚ୍ଛ ଓ ନିର୍ମଳ ରହିବା ସହ ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇପାରିବ। ଯଦ୍ୱାରା ସମଗ୍ର ସହର ସ୍ୱଚ୍ଛ ଓ ସୁନ୍ଦର ରହିବ ବୋଲି ମନ୍ତ୍ରୀ ନାଏକ କହିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା,ଏମପି ପ୍ରତିନିଧି ଅରୁଣ ଅଗ୍ରୱାଲ,ଭାଜପା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ସମେତ କାଉନସିଲର ମାନେ ଉପସ୍ଥିତ ଥିଲେ।

## ମାଙ୍କଡ଼ କାମୁଡ଼ାରେ ୩ ଜଣ ଗୁରୁତର

ଭାପୁର,୮ ।୩ (ନିପ୍ର); ବୋଲଗଡ଼ ଥାନା ଅଞ୍ଚଳର ମାଙ୍କଡ଼ କାମୁଡ଼ାରେ ୩ ଜଣ ଗୁରୁତର ହୋଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ଘଟଣାରୁ ପ୍ରକାଶ, ବୋଲଗଡ଼ ଥାନା ପାଟପୁରଶାସନ ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲି ଗ୍ରାମରେ ଗତ କିଛିଦିନ ଧରି ମାଙ୍କଡ଼ ଉପଦ୍ରବ ବଢି ଚାଲିଥିବାବେଳେ ବିଭାଗୀୟ ଅଧିକାରୀ ମାନେ ଚିରନିଦ୍ରା ରେ ଶୋଇଥିବା ସ୍ଥାନୀୟ ଅଞ୍ଚଳ ଜନସାଧାରଣ ପ୍ରକାଶ କରିଛନ୍ତି। ଜଙ୍ଗଲ ବିଭାଗର ସ୍ଥାଣୁତାକୁ ନେଇ ଦିନେ ଦୁଇଦିନ ମଧ୍ୟରେ ମାଙ୍କଡ଼ କାମୁଡ଼ାରେ ୬ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଏହି ମାଙ୍କଡ଼ ସଂଘବଦ୍ଧ ଭାବରେ ୪୦ ରୁ ୫୦ ଭିତରେ ରହି ଜନସାଧାରଣଙ୍କ ଉପରେ ଆକ୍ରମଣ କରୁଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କୁ ଯେତେ ଆପତ୍ତି ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ରବିବାର ସକାଳ ସମୟରେ ଠଣାପଲ୍ଲି ଗ୍ରାମର ସ୍ନେହଲତା ଜେନା,କର୍ପୂର ଜେନା,ଗୟାଧର ସ୍ୱାଇଁ ଏବଂ ଅନ୍ୟ ୩ /୪ ଜଣଙ୍କୁ ମାଙ୍କଡ଼ କାମୁଡି କ୍ଷତବିକ୍ଷତ କରିବାରୁ ଯନ୍ତ୍ରଣାରେ ଛଟପଟ ହୋଇ ସମସ୍ତେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସି ଚିକିତ୍ସା ପାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ବିଶ୍ୱନାଥ ସାହୁଙ୍କ ଠାରୁ ପ୍ରକାଶ।

## 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଶୀର୍ଷକ ସ୍ୱତନ୍ତ୍ର ସଚେତନତା

ବଲାଙ୍ଗିର,୮ ।୩ (ନିପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବଲାଙ୍ଗିର ସହରସ୍ଥିତ ଟାଉନ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଶୀର୍ଷକ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସଶକ୍ତ କରିବା ଲକ୍ଷ୍ୟରେ ଏହି ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ହରିଓମ୍ ଶମ୍ଭୁ ନାରାୟଣ ଦାସ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଟାଉନ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଏବଂ ଜିଲ୍ଲା ଖେଳ ଅଧିକାରୀ ପରାଶର ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ଦିବସରେ ବିଶେଷ କରି ମହିଳାମାନଙ୍କ ସ୍ୱୟଂରକ୍ଷା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ବିଭିନ୍ନ କୋଚ୍ ଓ ପ୍ରଶିକ୍ଷକମାନଙ୍କ ଦ୍ୱାରା ଛାତ୍ରୀ ଓ ମହିଳାମାନଙ୍କୁ ଜୁଡୋ, ବକ୍ସିଂ ଏବଂ କରାଟେ ଭଳି ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯିବା ସହ ଏହାର ଉପକାରିତା ବିଷୟରେ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଙ୍କ ସମେତ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ଶିକ୍ଷୟିତ୍ରୀ ଓ ପ୍ରଶିକ୍ଷକମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ।

## ଢେଙ୍କାନାଳରୁ ପୁରୀ ଯାତ୍ରା ହେବ ଆହୁରି ସହଜ
## କମିବ ଦୂରତା, ଏଡ଼ାଇ ହେବ କଟକ-ଭୁବନେଶ୍ୱର ଭିଡ଼

ନିରାକାରପୁର,୮/୩ (ନିପ୍ର): ଓଡ଼ିଶାର ପରିବହନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। କ୍ୟାପିଟାଲ ରିଜିଅନ ରିଂ ରୋଡ୍ ଏବଂ 'ନୂଆ ଜଗନ୍ନାଥ ସଡ଼କ'ର ସମନ୍ୱୟରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରୁ ପୁରୀ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଯାତ୍ରା ଆହୁରି ସୁଗମ ହେବ। ଏହି ନୂତନ ମାର୍ଗ ଦ୍ୱାରା କେବଳ ଦୂରତା କମିବ ନାହିଁ, ବରଂ କଟକ ଏବଂ ଭୁବନେଶ୍ୱର ଭଳି ବ୍ୟସ୍ତବହୁଳ ସହରର ଟ୍ରାଫିକ ଜାମରୁ ମଧ୍ୟ ମୁକ୍ତି ମିଳିବ।ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଢେଙ୍କାନାଳର ଗୋବିନ୍ଦପୁରରୁ ବାହାରି ପୁରୀରେ ପହଞ୍ଚିବା ପାଇଁ ଏକ ସମାନ୍ତରାଳ ଓ ଦ୍ରୁତଗାମୀ ରାସ୍ତା ପ୍ରସ୍ତୁତ ହେଉଛି।ଢେଙ୍କାନାଳ (ଗୋବିନ୍ଦପୁର)ରୁ ରାମେଶ୍ୱର: କ୍ୟାପିଟାଲ ରିଜିଅନ ରିଂ ରୋଡ୍ ମାଧ୍ୟମରେ ଏହି ଦୂରତା ପ୍ରାୟ ୬୯ କିମି।ରାମେଶ୍ୱରରୁ ଚନ୍ଦନପୁର: ନୂଆ ଜଗନ୍ନାଥ ସଡ଼କ ଦେଇ ଏହି ଦୂରତା ପ୍ରାୟ ୩୯ କିମି।ଚନ୍ଦନପୁରରୁ ପୁରୀ ମାତ୍ର ୮ ରୁ ୧୦ କିମି। ଏହାକୁ ମିଶାଇଲେ ଢେଙ୍କାନାଳରୁ ପୁରୀର ସମୁଦାୟ ଦୂରତା ପ୍ରାୟ ୧୧୬ ରୁ ୧୧୮ କିମି ହେବ। ବର୍ତ୍ତମାନ ମଙ୍ଗୁଳି, କଟକ, ଭୁବନେଶ୍ୱର ଓ ପିପିଲି ଦେଇ ଯାଉଥିବା ରାସ୍ତାର ଦୂରତା ପ୍ରାୟ ୧୨୭ କିମି, ଯାହା ତୁଳନାରେ ଏହି ନୂଆ ମାର୍ଗ ଯଥେଷ୍ଟ ଲାଭଦାୟକ। ୧୦ କିମି ଦୂରତା କମିବା ସହ ଟ୍ରାଫିକ ସମସ୍ୟା ନଥିବାରୁ ଯାତ୍ରା ସମୟ ବହୁତ କମିଯିବ। କଟକ ଓ ଭୁବନେଶ୍ୱର ସହର ଭିତରକୁ ନ ପଶି ସିଧାସଳଖ ପୁରୀ ଯାଇହେବ। ଢେଙ୍କାନାଳ ସମେତ ଅନୁଗୁଳ, ତାଳଚେର, ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ଅଞ୍ଚଳର ଲୋକେ ସହଜରେ ପୁରୀ ଓ କୋଣାର୍କ ଯାଇପାରିବେ। ଯଦି ଏହି ସଡ଼କକୁ ରାଜ୍ୟ ରାଜପଥ ମାନ୍ୟତା ମିଳେ, ତେବେ ଏହାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ଯୋଗୁଁ ଯାତ୍ରା ଅଧିକ ନିରାପଦ ହେବ। ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି 'ନୂଆ




ଜଗନ୍ନାଥ ସଡ଼କ'କୁ ଅଧିକ ପ୍ରଶସ୍ତ କରିବା ସହ ଏହାକୁ ଉନ୍ନତମାନର ଷ୍ଟେଟ୍ ହାଇୱେରେ ପରିଣତ କଲେ, ଏହା ଓଡ଼ିଶାର ପର୍ଯ୍ୟଟନ ଓ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ବିଭିନ୍ନ ମହଲରେ କୁହାଯାଉଛି।

# ପାନୀୟ ଜଳ ଯୋଗାଣ: କର୍ମଚାରୀ ଅଭାବ ଓ ଜଳସ୍ତର ହ୍ରାସ ସାଜିଛି ବଡ଼ ବାଧକ

ଧାମନଗର,୮।୩(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଚିନ୍ତାର କେନ୍ଦ୍ରବିନ୍ଦୁ ପାଲଟିଛି। ବ୍ଲକରେ ୨୬୬୬ଟି ନଳକୂପ ଓ ୬୦ରୁ ଅଧିକ ସୌର ଜଳ ପ୍ରକଳ୍ପ ଥିଲେ ହେଁ, ରକ୍ଷଣାବେକ୍ଷଣ ଅଭାବରୁ ଅନେକ କାମରେ ଲାଗୁନି। ବସୁଧା ଯୋଜନାରେ ସବୁଆଡ଼େ ପାଇପ୍ ଯୋଗେ ପାଣି ପହଞ୍ଚାଇ ହେଉନାହିଁ। ଅନେକ ସ୍ଥାନରେ ଉଚ୍ଚ ପାଣି ଟାଙ୍କି ଥିଲେ ବି ତାହା ଅଚଳ ହୋଇପଡ଼ିଛି। ଆଗକୁ ଖରାର ତାତି ବଢିବାରେ ଲାଗିଛି, ପାଣି ପାଇଁ ଲୋକମାନେ ଅନେକ ହଇରାଣ ହେଉଛନ୍ତି। ଅନେକ ଲୋକ ନଳକୂପ ଉପରେ ବି ନିର୍ଭର କରୁଛନ୍ତି। ହେଲେ ବ୍ୟବସ୍ଥାଗତ ତ୍ରୁଟି ସମସ୍ୟାର ସମାଧାନ ପରିବର୍ତ୍ତେ ସମସ୍ୟା ବଢାଇ ଦେଉଛି। ବିଭାଗୀୟ କର୍ମଚାରୀଙ୍କ ଅଭାବ ଧାମନଗରବାସୀଙ୍କ ଶୋଷ ମେଣ୍ଟାଇବାରେ



ବିଫଳ ହୋଇଛି। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳ ସମସ୍ୟା ବଢିବାରେ ଲାଗିଛି ଏବଂ କର୍ମଚାରୀ ଅଭାବରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ କର୍ମଚାରୀଙ୍କ ଅଭାବ ଦେଖା ଦେଇଛି। ପ୍ରକାଶ ଥାଉକି ପୂର୍ବରୁ ବ୍ଲକ ପାଇଁ ୧୬ ଜଣ ଫିଟର ଓ ଖଲାସୀ ଥିବା ବେଳେ ଏବେ ସେଥିମଧ୍ୟରୁ ୧୧ଜଣ ଅବସର ନେଇ ସାରିଛନ୍ତି। ବର୍ତ୍ତମାନ ମାତ୍ର ୫ ଜଣ କାର୍ଯ୍ୟ କରୁଥିବା ବେଳେ ନିକଟରେ ଆଉ ୨ ଜଣ ଅବସର ନେବେ। ଜଣେ ଜଣେ ଫିଟରକୁ ୬ରୁ ୭ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି, ଯାହା ଫଳରେ ମରାମତି କାମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ସ୍ଥାୟୀ କର୍ମଚାରୀ ନଥିବାରୁ ଅସ୍ଥାୟୀ 'ସେଲ୍ଫ ଏମ୍ପ୍ଲୟଡ ମେକାନିକ'ଙ୍କ ଭରସାରେ ବିଭାଗ ଚାଲିଛି। ନଦୀଶଯ୍ୟା ମାନଙ୍କରେ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀ ଶୁଖି ଯିବା ସହ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୦୭ ମସିହା ପୂର୍ବରୁ ୩୦ ଫୁଟରେ ପାଣି ମିଳୁଥିବା ବେଳେ ଏବେ ସରକାରୀ ସ୍ତରରେ ୨୧୦ ଫୁଟ ଖୋଳିଲେ ବି ପାଣି ମିଳୁନାହିଁ। ଫଳରେ ଲୋକେ ବ୍ୟକ୍ତିଗତ ଭାବେ ୨୫୦ ଫୁଟରୁ ଅଧିକ ଗଭୀରକୁ ବୋରିଂ କରିବାକୁ ବାଧ ହେଉଛନ୍ତି। ନଳକୂପଗୁଡ଼ିକରେ ଲୌହ ଅଂଶ ଅଧିକ ରହୁଥିବାରୁ ଯନ୍ତ୍ରପାତି ଶୀଘ୍ର ଖରାପ ହେଉଛି। ବହୁଳ ବ୍ୟବହାର ଯୋଗୁଁ 'ୱାସର' କଟିଯାଉଛି ଏବଂ ପ୍ଲଞ୍ଜର ଛିଡ଼ିଯାଉଛି। ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରପାତି ବିଭାଗ ପାଖରେ ନ ରହି ପଞ୍ଚାୟତ ସରପଞ୍ଚଙ୍କ ଅଧୀନରେ ରହୁଛି। ଅନେକ ସମୟରେ ସରପଞ୍ଚମାନେ ଠିକ ସମୟରେ ସରଞ୍ଜାମ ଯୋଗାଉ ନଥିବାରୁ ଅଚଳ ନଳକୂପ ସେମିତି ପଡ଼ି ରହୁଛି। ଅନ୍ୟପଟେ କିଛି ନ୍ୟସ୍ତସ୍ୱାର୍ଥ ଫିଟର ଶାସକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ବ୍ଲକର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସରକାର ନୂତନ ନୀତି ପ୍ରଣୟନ କରିବା ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେବା ସହ ଯନ୍ତ୍ରପାତି ସିଧାସଳଖ ବିଭାଗ ନିକଟରେ ରଖିବା ଓ ଅଚଳ ପାଣି ଟାଙ୍କିକୁ ସଚଳ କଲେ ପାନୀୟ ଜଳ ସମସ୍ୟା ଦୂର ହୋଇପାରନ୍ତା । ଅପରପକ୍ଷେ ଜନୈକ ଯନ୍ତ୍ରୀ ଦୀର୍ଘ ଦିନ ହେବ ଧାମନଗରରେ ରହିବା ଦ୍ୱାରା ସରକାରୀ ଦଳର କିଛି କର୍ମୀଙ୍କ ହାତବାରିସି ସାଜି ପାନୀୟ ଜଳ ସମସ୍ୟାକୁ ଦୂର କରୁନାହାନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଦୂର କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

## ଇରାନକୁ ଇସ୍ରାଏଲର ଧମକ
# ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କୁ ବି ହତ୍ୟା କରିବୁ



ଜେରୁଜେଲମ୍,୮।୩: ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖେମିନିଙ୍କ ଗାଦିରେ କିଏ ବସିବ? କିଏ ଇରାନର ପ୍ରତିନିଧିତ୍ୱ କରିବ? ଏହିସବୁ ପ୍ରଶ୍ନ ଭିତରେ ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଖୁବଶୀଘ୍ର ଦେଶର ଧର୍ମଗୁରୁ ଓ ସମ୍ପୃକ୍ତ କମିଟି ପରବର୍ତ୍ତୀ ସର୍ବୋଚ୍ଚ ନେତା ଘୋଷଣା କରିବେ। କୁହାଯାଉଛି ଯେ ଆଗାମୀ ଗୋଟିଏରୁ ଦୁଇ ଦିନ ମଧ୍ୟରେ ଆୟାତୋଲ୍ଲା ଖେମିନିଙ୍କ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରାଯିବ। ନୂତନ ନେତାଙ୍କ ଚୟନ ସମ୍ପର୍କରେ ଆଲୋଚନା ମଧ୍ୟରେ, ଇସ୍ରାଏଲ କିନ୍ତୁ ପୁଣି ଥରେ ବଡ଼ ଆକ୍ରମଣର ଧମକ ଦେବା ସହ ଖେମିନିଙ୍କ ପରି, ତାଙ୍କ ଉତ୍ତରାଧିକାରୀଙ୍କୁ ବି ହତ୍ୟା କରାଯିବ ବୋଲି କହିଛି। ଇସ୍ରାଏଲ ସେନା(ଆଇଡିଏଫ) ଚେତାବନୀ ଦେଇଛି ଯେ ଯିଏ ଇରାନର ପରବର୍ତ୍ତୀ ସର୍ବୋଚ୍ଚ ନେତା ହେବ ସେ ତାଙ୍କୁ ହତ୍ୟା କରିବ। ଏକ୍ସ ରେ ଏକ ପୋଷ୍ଟରେ, ଆଇଡିଏଫ୍ କହିଛି ଇରାନ ଶାସନ ନିଜକୁ ପୁନଃନିର୍ମାଣ କରିବାକୁ ଯେଉଁ ପ୍ରୟାସ କରୁଛି, ତାହାକୁ କେବେ ବି ସଫଳ ହେବାକୁ ଦିଆଯିବ ନାହିଁ। ୩୬ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ରହିଆସିଥିବା ଅଲି ଖେମିନିଙ୍କ କୌଣସି ମନୋନୀତ ଉତ୍ତରାଧିକାରୀ ନଥିଲେ। ତାଙ୍କ ମୃତ୍ୟୁ ପରେ, ଇରାନର ତିନି ସଦସ୍ୟ ବିଶିଷ୍ଟ ପରିଷଦ ସର୍ବୋଚ୍ଚ ନେତାଙ୍କ ନାମ ଚୂଡ଼ାନ୍ତ କରିବ। ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ, ଆୟାତୋଲ୍ଲା ଅଲିରେଜା ଆରାଫି, ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ ଓ ମୁଖ୍ୟ ବିଚାରପତି ଘୋଲାମ ହୋସେନ ମୋହସେନି ଏଜେ''ଇଙ୍କୁ ନେଇ ଗଠିତ ତିନି ସଦସ୍ୟ ବିଶିଷ୍ଟ ପରିଷଦ ବର୍ତ୍ତମାନ ଦେଶର ଶାସନ ସହିତ ଜଡିତ ପ୍ରମୁଖ ନିଷ୍ପତ୍ତି ନେଉଛି।

## ୟୁଏଇରେ ଥିବା ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

ଦୁବାଇ,୮।୩ : ଆବୁଧାବୀର ଭାରତୀୟ ଦୂତାବାସ ୟୁଏଇରେ ରହୁଥିବା ଭାରତୀୟଙ୍କ ପାଇଁ ଚେତାବନୀ ଜାରି କରିଛି। ଏଥିରେ କୁହାଯାଇଛି ଯେ, ଯେଉଁ ସବୁ ସ୍ଥାନରେ ଘଟଣା ହୋଇଛି, ସେଠାକୁ ଫଟୋ କିମ୍ବା ଭିଡ଼ିଓ ଉଠାଇବାକୁ ଯାଆନ୍ତୁ ନାହିଁ। ଏଠାର ଭାରତୀୟଙ୍କୁ ଏହା ମଧ୍ୟ କୁହାଯାଇଛି ଯେ, ଏହିପରି ଫଟୋ କିମ୍ବା ଭିଡ଼ିଓ ସୋସିଆଲ ମିଡ଼ିଆରେ ମଧ୍ୟ ପୋଷ୍ଟ କରିବାରୁ ନିବୃତ୍ତି ରୁହନ୍ତୁ। ଉଲ୍ଲେଖନୀୟ ଯେ, ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଛନ୍ତି। ଜବାବରେ ଇରାନ ମଧ୍ୟ ପଡୋଶୀ ଦେଶ ଉପରେ ବୋମା ବର୍ଷା କରୁଛି। ଏଥିଯୋଗୁଁ ମଧ୍ୟ ପ୍ରାଚ୍ୟରେ ସ୍ଥିତି ଖୁବ୍ ସଙ୍ଗିନ ହୋଇ ଯାଇଛି। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲୀ ଖାମେନିଙ୍କ ହତ୍ୟା ମଧ୍ୟ ହୋଇ ସାରିଛି। ଭାରତୀୟ ଦୂତାବାସ ଚେତାବନୀ ଦେଇ ବିବୃତ୍ତି ଜାରି କରିଛି। ଏଥିରେ ୟୁଏଇ ପକ୍ଷରୁ କଡ଼ା ଚେତାବନୀ ଜାରି କରାଯାଇଛି। ଏଥିରେ କୁହାଯାଇଛି କେହି ବି କୌଣସି ସ୍ଥାନକୁ ସ୍ଥାନରେ କୌଣସି ଘଟଣାକୁ ଅନଧିକୃତ ଉପାୟରେ କ୍ୟାମେରାରେ ରେକର୍ଡ କରୁଥିବା ଦେଖାଗଲେ , ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ପ୍ରତିବନ୍ଧିତ ଅଞ୍ଚଳ ଓ ଏୟାରପୋର୍ଟ ଭିତରେ ମଧ୍ୟ ଫଟୋ କିମ୍ବା ଭିଡ଼ିଓ କରିବା ସ୍ପଷ୍ଟ ମନା। ସେଠାରେ ରହୁଥିବା ଭାରତୀୟଙ୍କର ସୁରକ୍ଷା ଓ ତାଙ୍କୁ ଆଇନଗତ ସମସ୍ୟାରେ ପଡ଼ିବାରୁ ରକ୍ଷା କରିବା ପାଇଁ ଦୂତାବାସ କିଛି କଥାକୁ ଦୃଢ଼ ଭାବେ ପାଳନ କରିବାକୁ କହିଛି। ସେଗୁଡ଼ିକ ହେଉଛି ଯେବେ ବି ଆପଣଙ୍କୁ କୌଣସି ନିର୍ଦ୍ଦେଶର ଆଲର୍ଟ ଶୁଣାଯାଏ, ତ କୌଣସି ସୁରକ୍ଷିତ ସ୍ଥାନକୁ ଚାଲି ଯାଆନ୍ତୁ ଏବଂ ସେଠାରେ ସେପର୍ଯ୍ୟନ୍ତ ରୁହନ୍ତି ଯେପର୍ଯ୍ୟନ୍ତ ଆପଣଙ୍କ ଅଞ୍ଚଳରେ ଓ୍ୱାର୍ଣ୍ଣିଂ ଆଲର୍ଟ ନହଟିଛି। ସେହିପରି କୌଣସି ଘଟଣା ସ୍ଥାନର ଫଟୋ ସୋସିଆଲ ମିଡ଼ିଆରେ ସେୟାର କରନ୍ତୁ ନାହିଁ। ବିସ୍ଫୋରଣ କିମ୍ବା ମିସାଇଲ ଖସିବାରେ କୌଣସି କ୍ଷତି ହେଲେ , ଏହାର ଫଟୋ କେଉଁଠି ଲଗାନ୍ତୁ ନାହିଁ। ଯଦି ଆପଣଙ୍କ ଆଖପାଖରେ ବିସ୍ଫୋଟକ ଖସିବାର କିମ୍ବା ଆପଣଙ୍କୁ ସନ୍ଦିଗ୍ଧ ବସ୍ତୁ ନଜର ଆସେ , ତ ତୁରନ୍ତ ଏହାର ସୂଚନା ସଂପୃକ୍ତ ଅଧିକାରୀଙ୍କୁ ଦିଅନ୍ତୁ। କେଉଁଠିକୁ ଯାତାୟାତ କରୁଥିବା ବେଳେ ବିମାନ ବନ୍ଦର ଭିତରର ଫଟୋ କିମ୍ବା ଭିଡ଼ିଓ ରେକର୍ଡ କର ନାହିଁ।

## ଅନ୍ତର୍ଜାତୀୟ ମହିଳା ଦିବସରେ ହିରୋଜ୍ ଅଭିଯାନର ଶୁଭାରମ୍ଭ

ମୁମ୍ବାଇ,୮।୩: ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧକ୍ଷା ନୀତା ଅମ୍ବାନୀ ସର୍ବଦା ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ମହିଳାମାନଙ୍କ ଶକ୍ତିରେ ବିଶ୍ୱାସ କରିଆସିଛନ୍ତି। ଶିକ୍ଷା, କ୍ରୀଡା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, କଳା ଏବଂ ସଂସ୍କୃତି କ୍ଷେତ୍ରରେ ତାଙ୍କର ନିରନ୍ତର ପ୍ରୟାସ ମାଧ୍ୟମରେ, ସେ ଅଗଣିତ ମହିଳାଙ୍କୁ ନିଜ ଉପରେ ବିଶ୍ୱାସ କରିବା ଏବଂ ସେମାନଙ୍କ ଭିତରେ ରହିଥିବା ଅସୀମ ସମ୍ଭାବନାକୁ ଆଗକୁ ବଢ଼ାଇବା ପାଇଁ ସଶକ୍ତ କରିବା ସହିତ ପ୍ରେରଣା ଦେଇ ଆସୁଛନ୍ତି। ଏହି ଅନ୍ତର୍ଜାତୀୟ ମହିଳା ଦିବସରେ, ଶ୍ରୀମତୀ ଅମ୍ବାନୀ ହିରୋଜ୍ ଅଭିଯାନ ଆରମ୍ଭ କରିଛନ୍ତି। ମହିଳାମାନଙ୍କୁ ସମର୍ଥନ କରିବା ଏବଂ ସେମାନଙ୍କ ଭିତରେ ହିରୋ ଖୋଜିବା ପାଇଁ ଉତ୍ସାହିତ କରିବା ନିମନ୍ତେ ଏକ ଅଭିଯାନ।

## ଲେବାନନରେ ଇସ୍ରାଏଲ ଆକ୍ରମଣ: ସପ୍ତାହକରେ ୮୩ ଶିଶୁ ମୃତ
## ମୃତ୍ୟୁ ସଂଖ୍ୟା ୩୯୪ ରେ ପହଞ୍ଚିଲା



ତେଲ ଅଭିଭ୍,୮।୩: ଆମେରିକା, ଇସ୍ରାଏଲ ସହିତ ଇରାନର ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ଶନିବାର ରାତି ଓ ରବିବାର ଉଭୟ ପକ୍ଷରୁ ଭୟଙ୍କର ଆକ୍ରମଣ ଦେଖିବାକୁ ମିଳିଛି। ଇସ୍ରାଏଲ ଇରାନ ଓ ଲେବାନନ ଉପରେ ଜୋରଦାର ଆକ୍ରମଣ କରିଥିବାବେଳେ ଇରାନ ପଶ୍ଚିମ ଏସିଆ ଦେଶମାନଙ୍କ ଉପରେ ଘନ ଘନ ଆକ୍ରମଣ ଜାରି ରଖିଛି। ଇସ୍ରାଏଲ ଲେବାନନ୍ ଉପରେ ଗତ ଏକ ସପ୍ତାହ ହେଲା ଆକ୍ରମଣ କରିଆସୁଥିବାବେଳେ ଏଥିରେ ୮୩ ଶିଶୁଙ୍କ ସମେତ ମୋଟ ୩୯୪ ଜଣଙ୍କର ମୃତ୍ୟୁ ହୋଇଛି। ରବିବାର ଦକ୍ଷିଣ ଲେବାନନ୍ ଓ ବେରୁଟ୍ ଉପରେ ଇସ୍ରାଏଲ କରିଥିବା ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ଏକ ହୋଟେଲ ଉପରେ ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଇସ୍ରାଏଲ ଶନିବାର ରାତିରେ ତେହେରାନର ଆଖପାଖରେ ଥିବା ୫ଟି ତୈଳ କାରଖାନା ଉପରେ ଆକ୍ରମଣ କରିଛି। ଫେବ୍ରୁଆରି ୨୮ରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ରବିବାର ୯ ଦିନ ହୋଇଥିବାବେଳେ ଗତ ରାତିରେ ଇରାନ ଉପରେ ଇସ୍ରାଏଲ ଭୟଙ୍କର ଆକ୍ରମଣ କରିଥିଲା। ତୈଳ କାରଖାନା ସହିତ ଡିସାଲିନେସନ (ଜଳ ବିଶୋଧନ) କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ଇରାନର ଜଳ ବିଶୋଧନ କେନ୍ଦ୍ର ଉପରେ ୟୁଏଇ ଆକ୍ରମଣ କରିଥିବା କୁହାଯାଉଥିବାବେଳେ ୟୁଏଇ କିନ୍ତୁ ଏହାକୁ ଖଣ୍ଡନ କରିଛି।

## ଟ୍ରମ୍ପଙ୍କୁ ଖାମେନେଇଙ୍କ ହତ୍ୟାର ମୂଲ୍ୟ ଦେବାକୁ ପଡ଼ିବ: ଲାରିଜାନି

ତେହେରାନ,୮।୩: ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟା ନେଇ ତେହେରାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ ଦେଇଛି। ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି ଜାତୀୟ ଟିଭିରେ ଉଦ୍‌ବୋଧନ କହିଛନ୍ତି, ଟ୍ରମ୍ପଙ୍କୁ ଖେମିନଙ୍କ ହତ୍ୟାର ମୂଲ୍ୟ ଦେବାକୁ ପଡ଼ିବ। ଆମେ ଆମ ସର୍ବୋଚ୍ଚ ନେତା ଓ ହଜାର ହଜାର ଲୋକଙ୍କ ହତ୍ୟାର ପ୍ରତିଶୋଧ ନିଶ୍ଚିତ ନେବୁ। ଟ୍ରମ୍ପଙ୍କୁ ଏହାର ମୂଲ୍ୟ ନିଶ୍ଚିତ ଦେବାକୁ ପଡ଼ିବ ବୋଲି ଲାରିଜାନି କହିଥିଲେ। ଲାରିଜାନି ଖେମିନିଙ୍କ ଖୁବ୍ ଘନିଷ୍ଠ ଥିଲେ। ତେବେ ଟ୍ରମ୍ପ ଲାରିଜାନିଙ୍କ ଧମକକୁ ଖାରଜ କରିଦେଇଛନ୍ତି ଓ ଲାରିଜାନି କିଏ ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ସେମାନେ ପରାସ୍ତ ହୋଇସାରିଥିବା ଟ୍ରମ୍ପ ଇରାନ ଉଦ୍ଦେଶ୍ୟରେ କହିଛନ୍ତି। ଲାରିଜାନି ରବିବାର 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ପଡ଼ୋଶୀ ଦେଶମାନଙ୍କୁ ଆମେରିକା ବିରୋଧରେ ନିଜ



ଭୂମିକୁ ବ୍ୟବହାର କରିବାକୁ ଦେବାରେ ରୋକିବାକୁ ପଡ଼ିବ, ନହେଲେ ଆମ ପାଖରେ ହସ୍ତକ୍ଷେପ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ। ଇରାନର ଜାତୀୟ ଟିଭିରେ ଉଦ୍‌ବୋଧନ ଦେଇ ଲାରିଜାନି କହିଥିଲେ, ଟ୍ରମ୍ପଙ୍କୁ ସେ ଏକୁଟିଆ ଛାଡ଼ିବେ ନାହିଁ। ଇରାନର ଜବାବୀ କାର୍ଯ୍ୟାନୁଷ୍ଠାନକୁ ଆମେରିକା ଭୁଲରେ ଆକଳନ କରିଛି ଓ ଯୁଦ୍ଧ ଶୀଘ୍ର ଶେଷ ହେବନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ଟ୍ରମ୍ପ ଭେନେଜୁଏଲା ଉପରେ ଆକ୍ରମଣ କରି ଏହାର ସ୍ୱାଦ ଚାଖିଥିଲେ। ସେ ଭାବିଥିଲେ ଇରାନ ସହିତ ଖୁବ୍‌ଶୀଘ୍ର ଏହା ସହଜରେ ହାସଲ କରିବେ, କିନ୍ତୁ ସେ ଏବେ ଫସିଯାଇଛନ୍ତି।

## ନ୍ୟୁୟର୍କ ମେୟର ମାମଦାନୀଙ୍କ ବାସଭବନ ବାହାରେ ବୋମା ବିସ୍ଫୋରଣ ଉଦ୍ୟମ: ୨ ଗିରଫ

ନ୍ୟୁୟର୍କ,୮।୩: ନ୍ୟୁୟର୍କ ସିଟି ମେୟର ଜୋହରାନ ମାମଦାନୀଙ୍କ ବାସଭବନ ବାହାରେ ବିସ୍ଫୋରଣ ଉଦ୍ୟମ କରିଥିବା ଦୁଇ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ନ୍ୟୁୟର୍କ ସିଟି ପୁଲିସ ବିଭାଗ (ଏନବାଇପିଡି) ମାମଦାନୀଙ୍କ ବାସଭବନ ଗ୍ରେସି ମ୍ୟାନସନ୍ ବାହାରେ ବୋମା ବିସ୍ଫୋରଣ ଉଦ୍ୟମ ପରେ ଦୁଇ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିଲା। ଫ୍ରିଡମ୍ ନ୍ୟୁଜ୍ ଦ୍ୱାରା ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ସେହି ମୁହୂର୍ତ୍ତକୁ କଏଦ କରାଯାଇଥିଲା ଯେତେବେଳେ ଜଣେ ସନ୍ଦିଗ୍ଧ ମହଲ ବାହାରେ ଗିରଫ ହେବାର କିଛି ସମୟ ପୂର୍ବରୁ ଅନ୍ୟ ଜଣଙ୍କୁ ଏକ ପୁଡ଼ା ଦେଇଥିଲା। ପୁଲିସର କହିବା ଅନୁଯାୟୀ, ଉଦ୍ଧାର ହୋଇଥିବା ପୁଡ଼ାରେ ଏକ ପାତ୍ର ଭିତରେ ନଟ୍, ବୋଲ୍ଟ, ସ୍କ୍ରୁ ଓ ଫ୍ୟୁଜ୍ ଭର୍ତ୍ତି ଥିଲା। ଏହାକୁ ବିସ୍ଫୋରଣ ପାଇଁ ବ୍ୟବହାର କରାଯାଇଥାନ୍ତା ବୋଲି ସନ୍ଦେହ କରାଯାଉଛି।

## ଅନିଲଙ୍କ ବିରୋଧରେ ନୂଆ ମାମଲା

ମୁମ୍ବାଇ,୮।୩: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅଭିଯୋଗ ଆଧାରରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ରିଲାଏନ୍ସ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି)ର ମୁଖ୍ୟ ଅନିଲ ଅମ୍ବାନୀଙ୍କ ବିରୋଧରେ ଏକ ନୂଆ ଠକେଇ ମାମଲା ରୁଜୁ କରାଯାଇଛି। ବ୍ୟାଙ୍କ ଅଭିଯୋଗ କରିଛି ଯେ ଅନିଲ ଓ ତାଙ୍କ କମ୍ପାନି ୨୦୧୩ରୁ ୨୦୧୭ ମଧ୍ୟରେ ୧୦୮୫ କୋଟି ଟଙ୍କାର ଠକେଇ କରିଥିଲେ। ଭାରତୀୟ ଦଣ୍ଡ ସଂହିତାର ଧାରା ୪୨୦ (ପ୍ରତାରଣା) ଓ ୧୨୦ବି (ଅପରାଧିକ ଷଡ଼ଯନ୍ତ୍ର ଅନୁଯାୟୀ ସିବିଆଇ ଏକ ଏତଲା ରୁଜୁ କରିଛି।

## ଭିନ୍ନ ଧର୍ମ ମହିଳାଙ୍କୁ ନିସ୍ତୁକ ମାଡ଼ ମାରିଲେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାଟନା,୮।୩: ବିହାରର ମଧୁବନି ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଗାଁ ମୁଖିଆଙ୍କ ପୁଅ ଓ କିଛି ଲୋକ ଜଣେ ମୁସଲମାନ ମହିଳାଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ପରିସ୍ରା ପିଆଇବା ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ଅନୁଯାୟୀ, ମୃତ ମହିଳା ରୋଶନ ଖାତୁନ୍ ମଧୁବନିର ଘୋଘରଡିହ ଆମହି ଗାଁର ବାସିନ୍ଦା। ରୋଶନ ଖାତୁନ ଫେବ୍ରୁଆରି ୨୮ ତାରିଖରେ ଗାଁର ଏକ ବିବାଦର ସମାଧାନ ପାଇଁ ଗାଁ ମୁଖିଆ କୁମାରୀ ଦେବୀଙ୍କ ଘରକୁ ଯାଇଥିଲେ। କିନ୍ତୁ କୁମାରୀ ଦେବୀଙ୍କ ପୁଅ ମନୁ ସିଂହ ଓ କିଛି ଲୋକ ମହିଳାଙ୍କ ଉପରେ ଅତି ନିର୍ମମ ଭାବେ ଆକ୍ରମଣ କରି ତାଙ୍କୁ ଗୁରୁତର ଭାବେ ଆହତ କରିଦେଇଥିଲେ। ମାର୍ଚ୍ଚ ୧ ତାରିଖରେ ପାଟନା ମେଡିକାଲ କଲେଜରେ ତାଙ୍କର ମୃତ୍ୟୁ ହୋଇଥିଲା। ଡିଜିଟାଲ ନ୍ୟୁଜ ପବ୍ଲିକେସନ 'ମିଥିଲା ସମାଚାର' ଅନୁଯାୟୀ ମହିଳା ରମଜାନ ମାସ ପାଇଁ ଉପବାସ କରିଥିବାବେଳେ ତାଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ସେ ପାଣି ମାଗୁଥିବାବେଳେ ଲୋକମାନେ ତାଙ୍କୁ ପରିସ୍ରା ମିଶା ମଦ ପିଇବାକୁ ଦେଇଥିଲେ। ଖାତୁନ୍‌ଙ୍କୁ ଏକ ଖୁଣ୍ଟରେ ବାନ୍ଧି ଲୋକମାନେ ପ୍ରବଳ ପିଟିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଥିବା ମକତୁବ୍ ପ୍ରକାଶ କରିଛି। ମହିଳାଙ୍କ ସ୍ୱାମୀ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଛନ୍ତି। ପୁଲିସ ଏହି ମାମଲାରେ ଏକ ଏତଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ମନୁ ସିଂହକୁ ଅଟକ ରଖି ପଚରାଉଚରା କରୁଛି। ମନସୁରୀ ସମ୍ପ୍ରଦାୟର ରାଜ୍ୟ ସଭାପତି ଅଜୟ ମନସୁରୀ ଏହି ମାମଲାରେ ଆଇନଗତ ଲଢ଼େଇ ଲଢ଼ିବେ ବୋଲି କହିଛନ୍ତି।

## ଭେନେଜୁଏଲା ସରକାରକୁ ସରକାରୀ ମାନ୍ୟତା ଦେଲା ଆମେରିକା



ୱାଶିଂଟନ,୮।୩ : ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ,ଆମେରିକା ଭେନେଜୁଏଲାର ବର୍ତ୍ତମାନର ସରକାରଙ୍କୁ ସରକାରୀ ମାନ୍ୟତା ଦେଇଛି। ଏହାକୁ ଭେନେଜୁଏଲାକୁ ନେଇ ଆମେରିକାର ନୀତିରେ ବଡ଼ ପରିବର୍ତ୍ତନ ଭାବେ ଦେଖା ଯାଉଛି। ଟ୍ରମ୍ପ ଏହାର ଘୋଷଣା ସେତେବେଳେ କରିଛନ୍ତି ,ଯେବେ ଜାନୁଆରୀରେ ଆମେରିକୀୟ ସେନା ଭେନେଜୁଏଲା ଉପରେ ଆକ୍ରମଣ କରି, ସେଠାର ରାଷ୍ଟ୍ରପତି ନିକୋଲସ ମାଦୁରୋଙ୍କୁ ତାଙ୍କର ପତ୍ନୀ ସିଲିଆ ଫ୍ଲୋରେସଙ୍କ ସହ ବନ୍ଧକ କରି ନେଇ ଥିଲେ। ଆମେରିକା ମାଦୁରୋଙ୍କ ଉପରେ ନାର୍କୋ ଟେରରିଜିମର ଅଭିଯୋଗ ଲଗାଇଛି ଏବଂ ସେ ନ୍ୟୁୟର୍କରେ ଟ୍ରାଏଲର ଅପେକ୍ଷା କରୁଛନ୍ତି। ଫ୍ଲୋରିଡାର କୋରଲରେ ଶିଲ୍ଡ ଅଫ୍ ଦ ଆମେରିକାଜ ସମିଟରେ ଟ୍ରମ୍ପ କହିଥିଲେ , ମୋତେ ଏହା କହିବାରେ ଖୁସି ଅନୁଭବ ହେଉଛି ଯେ, ଚଳିତ ସପ୍ତାହରେ , ଆମେ ଭେନେଜୁଏଲା ସରକାରକୁ ସରକାରୀ ମାନ୍ୟତା ଦେଇଛୁ। ଆମେ ବାସ୍ତବରେ ତାଙ୍କୁ ଆଇନଗତ ଭାବେ ମାନ୍ୟତା ଦେଇ ସାରିଛୁ। ମାଦୁରୋଙ୍କ ଧରାପଡ଼ିବା ପରେ , ଭେନେଜୁଏଲାର ସୁପ୍ରିମକୋର୍ଟ କିଛି ସମୟ ପାଇଁ ହେଡ୍ ଅଫ୍ ଷ୍ଟେଟ୍ର ଡ୍ୟୁଟି ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କୁ ଟ୍ରାନ୍ସଫର କରିଥିଲେ, ଯିଏକି ୫ ଜାନୁଆରୀରେ ସରକାରୀ ଭାବେ କାର୍ଯ୍ୟବାହକ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ। ସେବେଠାରୁ ଆମେରିକା ଓ ଭେନେଜୁଏଲା ନିଜ ଭିତରେ ଦୀର୍ଘ ଦିନରୁ ଚାଲି ଆସିଥିବା ଉତ୍ତେଜନାପୂର୍ଣ୍ଣ ସଂପର୍କକୁ ସୁଧାରିବା ପାଇଁ ଅନେକ ପଦକ୍ଷେପ ଉଠାଇଛନ୍ତି। ଟ୍ରମ୍ପ କିଛି ଦିନ ପୂର୍ବେ ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ବହୁତ ପ୍ରଶଂସା କରିଥିଲେ।

## ଭାରତ-ପାକିସ୍ତାନ ଯୁଦ୍ଧ ହିରୋ କେଜି ଜର୍ଜଙ୍କ ପରଲୋକ



କୋଟ୍ଟାୟାମ,୮।୩: ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ବୀରତ୍ୱ ପାଇଁ ବୀର ଚକ୍ର ସମ୍ମାନରେ ସମ୍ମାନିତ ଲାନ୍ସ ହାବିଲଦାର କେଜି ଜର୍ଜଙ୍କର ୯୫ ବର୍ଷ ବୟସରେ କେରଳରେ ପରଲୋକ ଘଟିଛି ବୋଲି ତାଙ୍କ ପରିବାର ରବିବାର କହିଛନ୍ତି। ଶନିବାର ସକାଳୁ ମୋ ଜେଜେବାପାଙ୍କର ଦେହାନ୍ତ ହୋଇଥିଲା। ୧୯୩୧ ମସିହା ଫେବ୍ରୁଆରି ମାସରେ କେରଳରେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଲଢ଼ିଥିଲେ ବୋଲି ତାଙ୍କ ନାତି ୨୧ ବର୍ଷୀୟ ରେମୋ ଜନ୍ କହିଛନ୍ତି। ସେ ବାର୍ଦ୍ଧକ୍ୟଜନିତ କାରଣ ହେତୁ କୋଟ୍ଟାୟାମରେ ଥିବା ତାଙ୍କ ବାସଭବନରେ ମୃତ୍ୟୁ ବରଣ କରିଛନ୍ତି।

## 'ଭାରତ-ଚୀନ୍ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି'

ନୂଆଦିଲ୍ଲୀ,୮।୩ : ଭାରତ ଏବଂ ଚୀନ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଅଂଶୀଦାର ଭାବରେ ଏବଂ ବିପଦ ନୁହେଁ ବରଂ ସୁଯୋଗ ଭାବରେ ଦେଖିବା ଉଚିତ। ରବିବାର ବେଜିଂରେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏହା କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଭାଷଣ ଦେଇ ୱାଙ୍ଗ କହିଛନ୍ତି ଯେ, ଦୁଇ ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦ୍ୱାରା କୌଣସି ହସ୍ତକ୍ଷେପ ବିନା ସମ୍ପର୍କକୁ ଉନ୍ନତ କରିବା ପାଇଁ ସ୍ଥିର କରାଯାଇଥିବା ମାର୍ଗ ଅନୁସରଣ କରିବା ଉଚିତ। ୱାଙ୍ଗ ଉଲ୍ଲେଖ କରିଛନ୍ତି ଯେ, ଗତ ଅଗଷ୍ଟ ମାସରେ ତିଆନଜିନରେ ମୋଦି ଏବଂ ଜିନପିଙ୍ଗଙ୍କ ମଧ୍ୟରେ ଏକ ସଫଳ ବୈଠକ ହୋଇଥିଲା। ସେ କହିଛନ୍ତି କି, 'ତିଆନଜିନ ଶିଖର ସମ୍ମିଳନୀ ଚୀନ-ଭାରତ ସମ୍ପର୍କରେ ଆହୁରି ଉନ୍ନତି ଆଣିଛି, ୨୦୨୪ ମସିହାରେ କଜାନରେ ସେମାନଙ୍କ ସାକ୍ଷାତ ଦ୍ୱାରା ହୋଇଥିବା ନୂତନ ଆରମ୍ଭ ଶିଖରରେ ପହଞ୍ଚିଛି । ସେ କହିଛନ୍ତି, 'ଆମେ ସମସ୍ତ ସ୍ତରରେ ନବୀକରଣ ସକ୍ରିୟ ଆଲୋଚନା, ଦ୍ୱିପାକ୍ଷିକ ବାଣିଜ୍ୟରେ ଏକ ନୂତନ ରେକର୍ଡ ଏବଂ ନିକଟତର ଲୋକଙ୍କ ମଧ୍ୟରେ ଆଦାନପ୍ରଦାନ ଦେଖି ବହୁତ ଖୁସି। ଏସବୁ ଉଭୟ ଦେଶର ଲୋକଙ୍କ ପାଇଁ ପ୍ରକୃତ ଲାଭ ଆଣିଛି।

## ସଂସଦରେ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

ନୂଆଦିଲ୍ଲୀ,୮।୩: ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ଚରଣ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। ବିରୋଧୀ ଦଳ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟେଇବାକୁ ନେଇ ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳମାନେ ଇରାନ ଯୁଦ୍ଧ, ଏପଷ୍ଟିନ୍ ଫାଇଲ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ମୋଦି ସରକାରଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବେ। ବଜେଟ୍ ଅଧିବେଶନର ଦ୍ୱିତୀୟ ଚରଣ ଏପ୍ରିଲ ୨ ତାରିଖରେ ଶେଷ ହେବ। ଆଗକୁ ତାମିଲନାଡୁ, କେରଳ, ପୁଡୁଚେରୀ, ଆସାମ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ବିରୋଧୀଙ୍କ ମୁକାବିଲା ପାଇଁ ସଂସଦୀୟ ମଞ୍ଚର ବ୍ୟବହାର କରିବ। ତେବେ ବିଜେପି ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ଆକ୍ରାମକ ହୋଇଛି। ତୃଣମୂଳ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିବାବେଳେ ପଶ୍ଚିମବଙ୍ଗ ସରକାର ମଧ୍ୟ ଏହାର ଜବାବ ଦେଇଛନ୍ତି। କେନ୍ଦ୍ର ସରକାର କଂଗ୍ରେସ ବିଶେଷକରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯୋଜନାରେ ରହିଛି।

## ଜେଡିୟୁରେ ସାମିଲ ହେଲେ ନିଶାନ୍ତ



ପାଟନା,୮।୩: ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ଜନତା ଦଳ ୟୁନାଇଟେଡ (ଜେଡିୟୁ)ରେ ଯୋଗ ଦେଇଛନ୍ତି। ବୈଠକ ସମୟରେ ସେ ଦଳୀୟ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ନିଶାନ୍ତ କୁମାର ତାଙ୍କ ପିତା ନୀତୀଶ କୁମାରଙ୍କ ରାଜ୍ୟ ସଭାରେ ପ୍ରବେଶ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ଏବଂ କହିଥିଲେ, 'ମୁଁ ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରୁଛି।' ନିଶାନ୍ତ କହିଥିଲେ, 'ମୁଁ ଜଣେ ସକ୍ରିୟ ସଦସ୍ୟ ଭାବରେ ଦଳକୁ ଆଗକୁ ବଢାଇବା ପାଇଁ କାମ କରିବି। ମୋ ପିତା (ନୀତୀଶ କୁମାର) ଗତ ୨୦ ବର୍ଷ ଧରି କରିଥିବା କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ମୁଁ କାମ କରିବି। ମୁଁ ମୋ ପିତାଙ୍କ ଉପରେ ଗର୍ବିତ।' ସେ ନୀତୀଶ କୁମାରଙ୍କ ପ୍ରତି ସେମାନଙ୍କର ବିଶ୍ୱାସ ଏବଂ ମନୋବଳ ବଜାୟ ରଖିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଏହି ପଦକ୍ଷେପ ବିହାରର ରାଜନୈତିକ ମହଲରେ ଆଲୋଚନା ଆରମ୍ଭ କରିଛି। ନିଶାନ୍ତ କୁମାରଙ୍କୁ ଦଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ କିମ୍ବା ପ୍ରମୁଖ ଦାୟିତ୍ୱ ଦିଆଯାଇପାରେ ବୋଲି ସମ୍ଭାବନା ରହିଛି।

# 'ନାରୀ ଶକ୍ତି' ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢୁଛି: ମୋଦି

ନୂଆଦିଲ୍ଲୀ,୮।୩(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀଠାରେ ପ୍ରାୟ ୩୩,୫୦୦ କୋଟି ଟଙ୍କା ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ମୋଦୀ କହିଥିଲେ ଯେ, 'ଆଜି, ଆମେ ସମସ୍ତେ ଦିଲ୍ଲୀର ବିକାଶକୁ ଏକ ନୂତନ ଗତି ଦେବା ପାଇଁ ଏଠାରେ ଏକତ୍ରିତ ହୋଇଛୁ।' ଏହି ପ୍ରକଳ୍ପଗୁଡ଼ିକର ପରିଧି ବହୁତ ବ୍ୟାପକ, ଯେଉଁଥିରେ ମେଟ୍ରୋ ନେଟୱର୍କର ବିସ୍ତାରରୁ ଆରମ୍ଭ କରି ହଜାର ହଜାର ସରକାରୀ କର୍ମଚାରୀଙ୍କ ପାଇଁ ଆଧୁନିକ ଆବାସିକ କମ୍ପ୍ଲେକ୍ସ ପ୍ରତିଷ୍ଠା ପର୍ଯ୍ୟନ୍ତ ଅନେକ କାର୍ଯ୍ୟ ସମ୍ମିଳିତ ଅଛି। "ଦିଲ୍ଲୀର ଲୋକମାନେ ଏକ ବର୍ଷ ପୂର୍ବେ ନୂତନ ଆଶା ଏବଂ ନୂତନ ସଙ୍କଳ୍ପ ସହିତ ଏଠାରେ ଡବଲ୍ ଇଞ୍ଜିନ୍




ସରକାର ଗଠନ କରିଥିଲେ, ଯାହାର ଫଳାଫଳ ଆଜି ଏହି ବିକାଶ କାର୍ଯ୍ୟ ମାଧ୍ୟମରେ ଦୃଶ୍ୟମାନ ହେଉଛି,' ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରି ପ୍ରଧାନମନ୍ତ୍ରୀ ମହିଳାମାନଙ୍କର ବିପୁଳ ଉପସ୍ଥିତିକୁ ପ୍ରଶଂସା କରିଥିଲେ ଏବଂ ରାଜ୍ୟ ସରକାରଙ୍କ ସଫଳ ନେତୃତ୍ୱରେ ରାଜନୀତି, ବିଜ୍ଞାନ ଏବଂ କ୍ରୀଡ଼ା ସହିତ ବିଭିନ୍ନ କ୍ଷେତ୍ରରେ ଭାରତର ସଶକ୍ତୀକରଣ କାହାଣୀକୁ କିପରି ସେମାନଙ୍କର ଶକ୍ତି ଏବଂ ଆତ୍ମବିଶ୍ୱାସ ପରିଚାଳିତ କରୁଛି ତାହା ବର୍ଣ୍ଣନା କରିଥିଲେ। "ରାଜନୀତି ହେଉ କି ପ୍ରଶାସନ, ବିଜ୍ଞାନ, କ୍ରୀଡ଼ା କିମ୍ବା ସାମାଜିକ ସେବା-ଭାରତର 'ନାରୀ ଶକ୍ତି' ପ୍ରତ୍ୟେକ କ୍ଷେତ୍ରରେ ନୂତନ ଶକ୍ତି ସହ ଆଗକୁ ବଢୁଛି," ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ।

CMYK



## ବାଇକ ଦୁର୍ଘଟଣାରେ ମାଆ ଗୁରୁତର , ପୁଅ ଆହତ

ଭାପୁର(ନିପ୍ର): ଫତେଗଡ଼ ଥାନା ବିଜିପୁର ଗ୍ରାମର ମିଲୁ ଜେନା (୧୮) ତାଙ୍କ ମାଆ ବାସନ୍ତୀ ଜେନା (୪୨)ଙ୍କୁ ନେଇ ରବିବାର ସନ୍ଧ୍ୟାରେ ଏକ ବିବାହ କାର୍ଯ୍ୟ ସାରି ଫେରୁଥିଲେ। ଫେରୁଥିବା ସମୟରେ ଭାପୁର ପଂଚାୟତ କାର୍ଯ୍ୟାଳୟ ନିକଟରେ ବିପରୀତ ଦିଗରୁ ଆସୁଥିବା ସାନଶହରା ଗ୍ରାମର ଜୈନିକ ବ୍ୟକ୍ତିଙ୍କ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥଲା। ଫଳରେ,ଆକସ୍ମାତ ଦୁର୍ଘଟଣା ରେ ବାସନ୍ତୀ ଜେନା ଙ୍କ ହାତ ଭାଙ୍ଗିଯିବା ସହିତ ମୁହଁମାଡ ହୋଇଥିବା ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ରୁ ପ୍ରକାଶ। ବାସନ୍ତୀ ଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଯାଇଛି। ଅନ୍ୟପକ୍ଷରେ, ପୁଅ ମିଲୁ ଏବଂ ସାନ ଝିଅ ଟିଏ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି।

## ଚାଲାଣ ଉଦ୍ୟମ ଅଭିଯୋଗ: ନାବାଳିକା ଉଦ୍ଧାର

ପିପିଲି ୮ ।୩: ( ନି ପ୍ର) ବଳଙ୍ଗା ଥାନା ପାର୍ଶ୍ୱ ଏକ ଗ୍ରାମରେ ଜଣେ ୧୪ ବର୍ଷୀୟ ନାବାଳିକାକୁ କେତେକ ବ୍ୟକ୍ତି ଦେଶ ବାହାରକୁ ଚାଲାଣ କରିବା ଉଦ୍ୟମ ନେଇ ଅଭିଯୋଗ ପରେ ଏକ ରୁଦ୍ଧଘରୁ ତାକୁ ଉଦ୍ଧାର କରାଯାଇଥିବା ଏକ ସୂତ୍ରରୁ ଜାଣିବାକୁ ମିଳିଛି। ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ଅଭିଯୋଗର ସତ୍ୟତା ଜାଣିବା ପରେ ମାମଲା ଆଗତ କରି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ ଉକ୍ତ ଅଞ୍ଚଳର ୧୪ବର୍ଷୀୟା ଜଣେ ନାବାଳିକା ଗତ ୭ ତାରିଖ ଦିବା ୧୨ ଘ.ସମୟରେ ଘରେ ନଥିବା ପରିବାର ଲୋକେ ଜାଣିବାକୁ ପାଇ ଖୋଜା ଖୋଜି କରି ନ ପାଇବାରୁ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ ସେହି ଗ୍ରାମର ଜନୈକଙ୍କ ଘରେ ତାଲା ପକାଯାଇ ତାକୁ ରଖା ଯାଇଛି। ପରିବାର ସଦସ୍ୟ ଉକ୍ତ ଘରକୁ ଯାଇ ତାଲା ଖୋଲିବା ପରେ ଝିଅକୁ ପାଇ ଥିଲେ। ପରିବାର ଲୋକେ ତାଲା ପକାଇବା ସମ୍ପର୍କରେ ପଚାରିବାରେ ତାଲା ପକାଇ ଥିବା ଆସାମୀମାନେ ଗାଳି ଗୁଲଜ କରି ଥିଲେ ବୋଲି କୁହାଯାଇଛି।

## ମହିଳା ଦିବସରେ ସଚେତନତା ପଦଯାତ୍ରା

ବ୍ରହ୍ମପୁର (ନିପ୍ର ) ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି'' ଶୀର୍ଷକ ସମ୍ବଳିତ ସଚେତନତା ପଦଯାତ୍ରା ଛତ୍ରପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଛତ୍ରପୁର ସ୍ପୋର୍ଟ୍ସ ଷ୍ଟାଡ଼ିୟମରୁ ବାହାରି ସହରବାସୀଙ୍କୁ ମହିଳାଙ୍କ ଆତ୍ମସୁରକ୍ଷା, ଆତ୍ମସମ୍ମାନ ଓ ଆତ୍ମସ୍ୱାଭିମାନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ପ୍ରଶିକ୍ଷକ ସୁଜାତା ବିଷୋୟୀ, ସୁନୀତା ପାତ୍ର ଓ ସଙ୍ଗୀତା ସେଠୀଙ୍କ ସମେତ ବିଭିନ୍ନ ବର୍ଗର ମହିଳା, ସ୍ପୋର୍ଟସ ହଷ୍ଟେଲ ତଥା ଖେଲୋ ଇଣ୍ଡିଆ ସେଣ୍ଟର ବ୍ରହ୍ମପୁରର କୋଚ, କନ୍ୟାରତ୍ନମାନେ ଯୋଗଦାନ କରିଥିଲେ ।

## ପିଏମ୍‌ଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

ବଡ଼ସାହି,(ନିପ୍ର): ମୟୁରଭଞ୍ଜ ଜିଲ୍ଲାସ୍ତରୀୟ 'ପି ଏମ ଶ୍ରୀ' ଉତ୍ସବରେ ପି ଏମ ଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇକୃପା ସଦୁଆଳ ନିଜର ପ୍ରତିଭା ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବାରିପଦାସ୍ଥିତ ପି ଏମ ଶ୍ରୀ ଏମ.କେ.ସି ହାଇସ୍କୁଲ୍ ପରିସରରେ ମାର୍ଚ୍ଚ ୭ ଓ ୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୩୨ଟି ପି ଏମ ଶ୍ରୀ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ 'ଜିଜ୍ଞାସା' ପ୍ରତିଯୋଗିତାରେ ଦେଉଳିଆ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇକୃପା ସଦୁଆଳ ନିଜର ବୈଜ୍ଞାନିକ ତଥା ବୌଦ୍ଧିକ ଦକ୍ଷତା ପ୍ରତିପାଦନ କରି ଜିଲ୍ଲାସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ସମାରୋହରେ ଅତିଥିମାନଙ୍କ ଗହଣରେ ତାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି।

## ସଶକ୍ତ ନାରୀ ସଶକ୍ତ ଦେଶ କର୍ମଶାଳା

ପୁରୀ(ନିପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ସହଯୋଗରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆଜି ପୂର୍ବାହ୍ନରେ ତିନି ଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶୁଭାରମ୍ଭ କରିବା ସହ ଆତ୍ମସୁରକ୍ଷା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି କହିଥିଲେ। ବିଶେଷ କରି ପଢୁଥିବା ବା କର୍ମଜୀବି ମହିଳାମାନଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ।

## ନିଜ ଅଞ୍ଚଳର ବିକାଶ ପାଇଁ ଦାବି କଲେ ସାଂସଦଙ୍କ ପ୍ରତିନିଧି



କାକଟପୁର(ନିପ୍ର): ପୁରୀଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପରିଷଦର ଅଷ୍ଟମ ଜିଲ୍ଲାପରିଷଦ ବୈଠକ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟସଭା ସାଂସଦ, ଜିଲ୍ଲାର ସମସ୍ତ ବିଧାୟକ ଗଣ,ସମ୍ମାନୀୟ ଜିଲ୍ଲାପାଳ, ଲୋକ ପ୍ରତିନିଧି ପ୍ରମୁଖ ଓ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଜଗତସିଂହପୁର ସାଂସଦଙ୍କ ପୁରୀଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଯୋଗଦେଇ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ବ୍ୟାପକ ସମସ୍ୟା ଯଥା ପାନୀୟ ଜଳ, ଗମନାଗମନ, କାକଟପୁରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା,ବାଉରିଆକଣ ନଦୀ ବନ୍ଧର ସୁଦୃଢ଼ୀକରଣ ସମେତ ଅଞ୍ଚଳର ଜନସାଧାରଣଙ୍କ ମୌଳିକ ସୁବିଧା ନିମନ୍ତେ ସାଂସଦଙ୍କ ପ୍ରତିନିଧି ଭାବେ ଦୃଢ଼ଦାବି ଉପସ୍ଥାପନ କରିଥିଲେ । ଉପସ୍ଥିତ ଥିବା ଲୋକପ୍ରତିନିଧି ଓ ବିଭାଗୀୟ ସରକାରୀ ଅଧିକାରୀମାନେ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଖୁବଶୀଘ୍ର ଆଶୁସମାଧାନ କରାଯିବା ପାଇଁ ସାଂସଦ ପ୍ରତିନିଧି ଶ୍ରୀ ସ୍ୱାଇଁ ଙ୍କୁ ପ୍ରତିଶୃତି ଦେଇଥିଲେ।

## ଅନ୍‌ଲାଇନ ଚାଲାଣରୁ ବର୍ତ୍ତିବାକୁ ଗଳାବାଟ
# ଗାଡ଼ିର ନମ୍ବର ପ୍ଲେଟ ଉପରେ ଲଗାଯାଉଛି ଷ୍ଟିକର

ଭୁବନେଶ୍ୱର, (ନି.ପ୍ର): ଅନ୍‌ଲାଇନ୍ ଚାଲାଣ ଫାଙ୍କିବାକୁ ଗଳାବାଟ ବାଛି ନେଇଛନ୍ତି ଅମାନିଆ। ସେମାନେ ଚାଲାଣରୁ ବର୍ତ୍ତିବା ପାଇଁ ଗାଡି ନମ୍ବର ଉପରେ କାଗଜ ଷ୍ଟିକର ମାରି ଦେଉଛନ୍ତି। ଏହା ପରେ ସେମାନେ ନିର୍ଭୟରେ ସହର ବୁଲି ସମସ୍ତ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କୁ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ କ୍ୟାପ୍‌ଚର କଲେ ମଧ୍ୟ ଗାଡି ନମ୍ବର ଲୁଚା ଯାଇଥିବାରୁ ଚାଲାଣ ହୋଇ ପାରୁନି। ଯେଉଁଥି ପାଇଁ ସହରରେ ଅମାନିଆ ଚାଳକଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗାଡ଼ି ନମ୍ବର ଲୁଚାଇ ବୁଲୁଥିବା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପୋଲିସ ବିଭିନ୍ନ ଛକରେ ଏଥର ଅତର୍କିତ ଚଢଉ କରି ଘଣ୍ଟିକିଆ ଯାଞ୍ଚ କରିବ। ଯାଞ୍ଚ ସମୟରେ ଯେଉଁମାନେ ଏଭଳି ଅପରାଧ କରୁଥିବା ଧରାପଡ଼ିବେ ସେମାନଙ୍କ ଗାଡିକୁ ଜବତ କରାଯିବା ସହ ମୋଟା ରକମର ଜରିମାନା କରାଯିବ। ଆହୁରି ମଧ୍ୟ କେଉଁ ଛକରେ ଯାଞ୍ଚ କରାଯିବା ତାହା କୌଣସି କର୍ମଚାରୀ କିମ୍ବା ଅନ୍ୟ କେହି ଜାଣିବେ ନାହିଁ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ନିର୍ଦ୍ଦିଷ୍ଟ ଛକରେ ଚଢଉ କରାଯାଇ ୧ ଘଣ୍ଟା ଘଣ୍ଟା ପାଇଁ ଯାଞ୍ଚ କରାଯିବ ବୋଲି ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଗତ କିଛି ମାସ ହେବ ଯେଉଁମାନେ ହେଲମେଟ ପିନ୍ଧୁନାହାନ୍ତି କିମ୍ବା ବାଇକ୍‌ରେ ୩ଜଣ ବସି ଯାଉଛନ୍ତି। ଏକାଧିକ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜରୁ ଗାଡି ନମ୍ବର ଚିହ୍ନଟ କରାଯାଇ ଅନ୍‌ଲାଇନ୍ ଚାଲାଣ କରାଯାଉଥିଲା। ହେଲେ ଅମାନିଆ ଚାଳକ ଚାଲାଣରୁ ବର୍ତ୍ତିବା ପାଇଁ କିଏ ଗାଡ଼ିରୁ ନମ୍ବର ପ୍ଲେଟ୍ ଖୋଲି ଦେଉଥିବା ବେଳେ ଅନେକ ଗାଡ଼ି ନମ୍ବର ପ୍ଲେଟ୍ ଉପରେ ଲେମ୍ବୁ, ଲଙ୍କା ଏବଂ ଛିଟକନା ବାନ୍ଧି ଦେଉଛନ୍ତି। ଆହୁରି ମଧ୍ୟ କେତେକ ଅମାନିଆ ଚାଳକ ଗାଡି ନମ୍ବର ପ୍ଲେଟ୍‌ର ଗୋଟିଏ ନମ୍ବର ଉପରେ କାଗଜ ଷ୍ଟିକର ମାରି ଦେଉଛନ୍ତି। ଯାହାଫଳରେ ଗାଡିର ସଠିକ୍ ନମ୍ବର ଦେଖାଯାଉନଥିବାରୁ ଚାଲାଣ କଟାଯାଇପାରୁନି। ଗତ ୬ ମାସରେ ଏଭଳି ନମ୍ବର ପ୍ଲେଟ୍ ଘୋଡ଼ାଇ ବୁଲୁଥିବା ୩୫ ଟି ଗାଡି ଧରାଗଲାଣି। ବିଶେଷ କରି ରାଜମହଲ,ରୁପାଲି,ରସୁଲଗଡ଼, ଏଜି ଭଳି ବଡ଼ ଛକରୁ ଏହି ଅମାନିଆ ଧରାପଡ଼ିଛନ୍ତି। ବଡ଼ କଥା ହେଲା ଏହି ଅମାନିଆ ଗାଡିର ନମ୍ବର ପ୍ଲେଟ୍ ଲୁଚାଇ ବୁଲୁଥିବାରୁ ସେମାନେ ଅନେକ ଅପରାଧରେ ସାମିଲ ହୋଇଥାଇ ପାରନ୍ତି। କୌଣସି ସ୍ଥାନରେ ଅପରାଧ ଘଟାଇ ଫେରାର ହେଲେ ସେମାନଙ୍କୁ ପୋଲିସ ଧରିବାରେ କଷ୍ଟକର ହୋଇଥାଏ। ତେଣୁ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ଏହି ଅମାନିଆଙ୍କୁ ସାବାଡ଼ କରାନଗଲେ ଆଗକୁ ଏଭଳି ଅମାନିଆଙ୍କ ସଂଖ୍ୟା ବଢିବ ବୋଲି ପୋଲିସ କହିଛି।

## ପେଟା ନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଦାବିରେ ବିକ୍ଷୋଭ




କଟକ(ନିପ୍ର): ସାମାଜିକ ସଂଗଠନ "ସୁବାସ ସଂଗଠନ" ପକ୍ଷରୁ ରବିବାର ପେଟା ନାଳ ଠାରେ ପେଟା ନାଳର ପୁର୍ନରୁଦ୍ଧାର ଓ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରି ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବାସ ସଂଗଠନର କର୍ମୀମାନେ ବିକ୍ଷୋଭରେ ସାମିଲ ହୋଇ ସରକାରଙ୍କ ନିକଟରେ କୈଫତ ତଲବ କରିଛନ୍ତି । ଏଥିପାଇଁ ସଂଗଠନ ପକ୍ଷରୁ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କୁ ପ୍ରଶ୍ନ କରାଯାଇଛି । ପେଟା ନାଳର ପୁର୍ନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ସଂଗଠନ ପକ୍ଷରୁ ବିଧାୟିକାଙ୍କୁ ଦାୟୀ କରାଯାଇଛି । ଗତ କିଛିବର୍ଷ ପୂର୍ବେ ତତ୍କାଳୀନ ବିଜେଡ଼ି ସରକାର ଅମଳରେ ପେଟା ନାଳର ପୁର୍ନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା କରାଯାଇଥିଲା । ଏବେ ଏହି ଯୋଜନା ଅସଂପୂର୍ଣ୍ଣ ହୋଇ ଅଧାପନ୍ତରିଆ ଭାବେ ରହିଯାଇଛି । ପ୍ରାକ୍ତନ ବିଧାୟକ ମହମ୍ମଦ ମୋକିକ ଏହି ପେଟାନାଳର ଉଦ୍ଧାର ପାଇଁ ଦାବି କରିଥିଲେ। ଏବେ ପ୍ରାକ୍ତନ ବିଧାୟକ ମହମ୍ମଦ ମୋକିମ ଏବଂ ତାଙ୍କ କନ୍ୟା ସୋଫିଆ ଫିର୍ଦ୍ଦୋଷ ଏ ସଂପର୍କରେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ପେଟା ନାଳର ଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସୁବାସ ସଂଗଠନ ପକ୍ଷରୁ ଦାବି କରାଯାଇଛି । ସଂଗଠନର ସଂପାଦକ ସୁରେଶ ମହାନ୍ତି ଓ ଉପସଭାପତି ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟମାନେ ପେଟା ନାଳଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଆୟ ଠାରୁ ୧୨୯ ପ୍ରତିଶତ ସମ୍ପତ୍ତି ବନ୍ଧା ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

କଟକ, ୮ ।୩ : ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି କେନ୍ଦ୍ରାପଡ଼ା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତଦନ୍ତ ସମୟରେ ତାଙ୍କ ପାଖରୁ କୋଟି କୋଟି ଟଙ୍କାର ସମ୍ପତ୍ତି ମିଳିଥିଲା କିଭଳି ତାହା ହାସଲ କରିଥିଲେ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହି ସମସ୍ତ ସମ୍ପତ୍ତି ତାଙ୍କର ଆୟଠାରୁ ଯଥେଷ୍ଟ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ପ୍ରମୋଦ ରାୟ ୧୯୮୮ ମସିହାରେ ମାତ୍ର ୧୫୦୦ ଟଙ୍କା ଦରମାରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକିରି ଆରମ୍ଭ କରିଥିଲେ। ଗିରଫ ଯନ୍ତ୍ରୀ ନିଜ ଆୟ ଠାରୁ ୧୨୯ ପ୍ରତିଶତ ସମ୍ପତ୍ତି ଆୟ ବହିର୍ଭୂତ ଭାବେ ଠୁଳ କରିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଭିଜିଲାନ୍ସ ଏସ୍‌ପି।

## ନିରାକାରପୁରରେ ମାଙ୍କଡ଼ ପଲର ଉପଦ୍ରବ: ଆତଙ୍କିତ ଜନସାଧାରଣ



ନିରାକାରପୁର(ନିପ୍ର) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଏବେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଗାଁର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ସବୁଠି ମାଙ୍କଡ଼ଙ୍କ ରାଜ୍ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଗତ କିଛି ଦିନ ହେବ ମାଙ୍କଡ଼ମାନେ ଅଧିକ ହିଂସ୍ର ହେବାରେ ଲାଗିଛନ୍ତି। ଘରୁ ବାହାରକୁ ବାହାରିଲେ ମାଙ୍କଡ଼ମାନେ ଗୋଡ଼ାଇ ଗୋଡ଼ାଇ କାମୁଡ଼ିବା ସହ ଲୋକଙ୍କୁ ଖଣ୍ଡିଆ ଖାବରା କରିପକାଉଛନ୍ତି। ବିଶେଷ କରି ଛୋଟ ପିଲା ଓ ବୃଦ୍ଧବୃଦ୍ଧାମାନେ ଏମାନଙ୍କର ସହଜ ଶିକାର ହେଉଛନ୍ତି। ଲୋକଙ୍କ ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ନଷ୍ଟ କରିବା ସହ ଆସବାବପତ୍ର ମଧ୍ୟ ଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି। ଏହି ଉପଦ୍ରବ ଯୋଗୁଁ ବିଦ୍ୟାଳୟ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ସବୁଠାରୁ ବେଶୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାତରେ ବହି ବସ୍ତାନି କିମ୍ବା ଟିଫିନ ବ୍ୟାଗ୍ ଦେଖିଲେ ମାଙ୍କଡ଼ମାନେ ଆକ୍ରମଣ କରୁଥିବାରୁ, ପିଲାମାନେ ଏକୁଟିଆ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଅଭିଭାବକମାନେ ବାଧ୍ୟ ହୋଇ ପିଲାଙ୍କୁ ଛାଡ଼ିବାକୁ ଯାଉଛନ୍ତି। ସେହିପରି ବଜାରକୁ ଯାଉଥିବା ପଥଚାରୀମାନେ ମଧ୍ୟ ହାତରେ ବାଡ଼ି ନ ଧରି ଗଳିକନ୍ଦିରେ ଯାତାୟାତ କରିପାରୁ ନାହାନ୍ତି। ମାଙ୍କଡ଼ଙ୍କ ଏଭଳି ଉପଦ୍ରବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବା ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।ତୁରନ୍ତ ବନ ବିଭାଗ ପକ୍ଷରୁ ମାଙ୍କଡ଼ ଧରାଳି ଦଳ ପଠାଯାଇ ସେମାନଙ୍କୁ ଜନବସତିରୁ ଦୂରେଇ ନିଆଯାଉ। ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ସରକାରୀ ସ୍ତରରେ ଚିକିତ୍ସା ସହାୟତା ପ୍ରଦାନ କରାଯାଉ। ବିଦ୍ୟାଳୟ ପରିସର ଓ ଗଳିକନ୍ଦିରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ଦାବି କରାଯାଉଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥ ଅବରୋଧ ଭଳି ଚରମ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି।

## ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯%

ଯାଜପୁର(ନିପ୍ର): ଚଳିତ ବର୍ଷର ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଲୋଚନା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରେସ ମିଟରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଏବଂ ଜିଲ୍ଲାପାଳ ଅମ୍ବର କୁମାର କର ବଜେଟ୍ ୨୦୨୬-୨୭ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ୨୦୨୪-୨୫ ର ୭.୨% ତୁଳନାରେ ଅଧିକ ଏବଂ ଏହା ଜାତୀୟ ହାର ୭.୪% ଠାରୁ ମଧ୍ୟ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୮୬ ହଜାର ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୀତିରେ କୃଷି କ୍ଷେତ୍ରର ଅବଦାନ ୧୯.୬% ରହିଛି, ଯାହା ଜାତୀୟ ହାର ୧୬.୮% ଠାରୁ ଅଧିକ। ୨୦୨୫ ରେ ୫ ଲକ୍ଷ ୬୬ ହଜାର କୋଟିର ୨୪୪ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ଦ୍ୱାରା ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସର୍ବଭାରତୀୟ ଅର୍ଥନୈତିକ ସର୍ଭେ ୨୦୨୫-୨୬ ଓଡ଼ିଶାକୁ ଏକ 'ମଡେଲ ଷ୍ଟେଟ୍' ଭାବେ ପ୍ରଶଂସା କରିଛି। ସେମିକଣ୍ଡକ୍ଟର ନିବେଶ, ଦକ୍ଷତା ବିକାଶ, ଜୀବିକା ଏବଂ ଜଳବାୟୁ ସହିଷ୍ଣୁ ଭିତ୍ତିଭୂମି ଗଠନ ଯୋଗୁଁ ସମୃଦ୍ଧ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ ଦିଗରେ ସରକାର ଆଗକୁ ବଢୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ବ୍ୟବସାୟୀଙ୍କ ପାଇଁ ଭୟମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫, ଗୋ ସ୍ୱିଫ୍ଟ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଶୀଘ୍ର ପ୍ରକଳ୍ପ ମଞ୍ଜୁରୀ, ଜମି ପ୍ରଶାସନ, କ୍ଷେତ୍ରୀୟ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଇଜି ଅଫ୍ ଡୁଇଙ୍ଗ ବିଜିନେସରେ ଉତ୍ତମ ପ୍ରଦର୍ଶନ ଭଳି ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଚଳିତ ବଜେଟର କିଛି ଉଲ୍ଲେଖନୀୟ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ବିବରଣୀ ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଦେଶର ପ୍ରଗତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




କଟକ: କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ସହିତ ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ସ୍ଥାନୀୟ ନେତାଜୀ ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ତାଙ୍କ ଉଦବୋଧନରେ କହିଥିଲେ ଯେ, ମହିଳାମାନେ ସମାଜରେ ମୂଳ ଶକ୍ତି ଓ ସେମାନଙ୍କ ଆର୍ଥିକ ସଶକ୍ତିକରଣ ହେଉଛି ରାଜ୍ୟର ସମଗ୍ର ଉନ୍ନତିର ମୂଳ ଆଧାର। ସେ ମହିଳାମାନଙ୍କୁ ସୁଭଦ୍ରା ଆର୍ଥିକ ସହାୟତାକୁ ସଠିକ୍ ଓ ଉତ୍ପାଦନଶୀଳ କାର୍ଯ୍ୟରେ ବ୍ୟୟ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ । ଏହାପରେ ପୁରୀରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଚତୁର୍ଥ କିସ୍ତି ଅର୍ଥ ହସ୍ତାନ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମ ଆଭାଷୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୋଗ ଦେଇଥିବା ମହିଳାମାନେ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ । ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଓ ମହିଳାମାନଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା।

ନିମାପଡ଼ା: ପରସ୍ପରକୁ ସହଯୋଗର ହାତ ବଢ଼ାଇବା, ନିଃସହାୟଙ୍କୁ ଆଶାର ଆଲୋକ ଦେବା, ଅଶିକ୍ଷିତ ମହିଳା ଓ ତାଙ୍କ ପିଲାଙ୍କୁ ପାଠପଢ଼ା ସୁଯୋଗ ଦେବା ସହିତ ଅନ୍ୟାନ୍ୟ ଗଠନ ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦେବା ପାଇଁ ମହିଳାମାନେ ସଂକଳ୍ପ ଗ୍ରହଣ କରିଛନ୍ତି। ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କମାକନ୍ତିଆ ଗ୍ରାମର ମହିଳାମାନେ ଏକ ସମାବେଶରେ ଏକତ୍ରିତ ହୋଇ ନିଜ ଦକ୍ଷତା ବଳରେ କେତେଜଣ ଅସହାୟଙ୍କୁ ଆତ୍ମନିର୍ଭରଶୀଳ କରାଇ ଥିବା ନେଇ ସୂଚନା ଦେଇଥିଲେ। ରାଜ୍ୟ ସ୍ତରୀୟ ସାମାଜିକ ଅନୁଷ୍ଠାନ ଓପନ ଲର୍ଣ୍ଣିଙ୍ଗ ସିଷ୍ଟମ ପକ୍ଷରୁ ଆୟୋଜିତ ବିଶ୍ୱ ମହିଳା ଦିବସ ସମାବେଶରେ ଅତିଥି ଭାବେ ବରିଷ୍ଠ ସାମ୍ବଦିକ ପ୍ରଶାନ୍ତ କୁମାର ସାହୁ, ସାମଜସେବୀ ସଚିକାନ୍ତ ପ୍ରଧାନ, ମହିଳା ଉଦ୍ୟୋଗପତି ରାଜଲକ୍ଷ୍ମୀ ପୃଷ୍ଟି, ଶିଶୁ ସୁରକ୍ଷା ଓ ସାମାଜିକ କର୍ମୀ ଶ୍ରୀମତି ସବିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ମହିଳା ନିଜର ସ୍ୱାଧୀନ ମତ ପ୍ରକାଶ କରିବା ସହିତ ପରିବାର ପ୍ରତି ଉପଯୁକ୍ତ ଧ୍ୟାନ ଦେବା, ବୃକ୍ଷରୋପଣ, ହିଂସା ପରିହାର କରି ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ସହିତ ନିଜେ ସ୍ୱାଭିମାନ ସହ ବଞ୍ଚିବା ପାଇଁ ଉଦ୍ୟମ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।




ହିଞ୍ଜିଳିକାଟୁ: ହିଞ୍ଜିଳିକାଟୁ ତାଲୁକା ଆଇନ ସେବା ସମିତି ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ତାଲୁକା ଆଇନ ସେବା ସମିତି ଅଧ୍ୟକ୍ଷ ତଥା ସବଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ରୂପେ ହିଞ୍ଜିଳି ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠି ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜେଏମଏଫସି ବିଚାରପତି ବନଜା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସୁନିଲ୍ କୁମାର ଗନ୍ତାୟତ, ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଶ୍ରୀକାନ୍ତ କୁମାର ସାହୁ, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ବରିଷ୍ଠ ଆଇନଜୀବୀ ତଥା ଅଧିବକ୍ତା ନିର୍ମଳ ସାହୁ, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ି ପ୍ରମୁଖ ମଞ୍ଚାସିନ ଥିଲେ।

ବେଲଗୁଣ୍ଠା: ଆଜି ଗାଙ୍ଗପୁର ଥାନା ଅନ୍ତର୍ଗତ ମାଳତୀ ଗ୍ରାମର ଐତିହାସିକ ଦେବୀପୀଠ ମା ରନଦେଇ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଆଜାଦ୍ ହିନ୍ଦ୍ ଫୌଜ ସଂଘ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସଂଘର ବରିଷ୍ଠ ସଦସ୍ୟା ପ୍ରଭାସିନୀ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଓଡ଼ିଶା ଆଜାଦ୍ ହିନ୍ଦ୍ ଫୌଜ ସଂଘ ସଭାପତି ପୀତବାସ ବିଶ୍ୱାଳ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର,ଉପସଭାପତି ପ୍ରଭାତ କୁମାର ସାହୁ, ପ୍ରମୁଖ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା ।

ରାୟଗଡ଼: ଆନ୍ତର୍ଜାତୀୟ ମହିଳା ଦିବସରେ 'ସୁଭଦ୍ରା ଯୋଜନା'ର ୪ର୍ଥ କିସ୍ତି ମହିଳାମାନଙ୍କ ବ୍ୟାଙ୍କ ଖାତାରେ ପହଞ୍ଚିବାକୁ ଯାଉଛି। ଏହାର ଫଳରେ ରାୟଗଡ଼ା ଜିଲ୍ଲାରେ ଲକ୍ଷାଧିକ ମହିଳା ହିତାଧିକାରୀଙ୍କୁ ଆର୍ଥିକ ସଶକ୍ତିକରଣ ମିଳିବା ସହ ସ୍ଥାନୀୟ ଅର୍ଥନୀତି ମଜବୁତ ହେବ। ରାୟଗଡ଼ରେ ଜିଲ୍ଲା ପ୍ରଶାସନ ଓ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ମହିଳା ଦିବସ ଓ ଓଡ଼ିଶା ସରକାରଙ୍କ 'ସୁଭଦ୍ରା ଯୋଜନା'ର ୪ର୍ଥ କିସ୍ତି କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀ ଅଧ୍ୟକ୍ଷତା କରିଥିଲେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଡେପୁଟି ପୋଲିସ୍ ଅଧୀକ୍ଷକ ମୁନି ଅଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଯୁଗ୍ମ ନିର୍ଦ୍ଦେଶକ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଏନ ଗୁଣାଶେଖର,ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଛାତ୍ରଛାତ୍ରୀ ଆଦି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ରାୟଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସରସ୍ୱତୀ ରାୟ ଯୋଗ ଦେଇଥିଲେ ଓ କୁଶଳୀ ମହିଳା ତଥା ଦକ୍ଷ ମହିଳାର ସମାଜରେ ଭୂମିକା ବିଷୟରେ ଆଲୋଚନା କହିଥିଲେ। ସୁଭଦ୍ରା ଯୋଜନା ର ପନ୍ଦର ଜଣ ଯୋଗ୍ୟ ମହିଳା ଙ୍କୁ ଧନଦେଶ ପତ୍ର ପ୍ରଦାନ କରାଯାଇଥିଲା। ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସର ରେ ହୋଇଥିବା ପ୍ରତିଯୋଗିତା ଗୁଡିକର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।




ଭଦ୍ରକ: ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରାପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ରହଣିଆ, (ଚରମ୍ପା) ଭଦ୍ରକ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ସଚିବ ଶ୍ରୀମତୀ ଶିବାନୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ ଦେଶର ପ୍ରଗତିରେ ନାରୀମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ନାରୀ ଓ ପୁରୁଷ ହେଉଛନ୍ତି ସମାଜର ଦୁଇଟି ମୁଖ୍ୟ ଅଙ୍ଗ, ଜଣଙ୍କ ବିନା ଅନ୍ୟ ଜଣଙ୍କ ସ୍ଥିତି ଅସମ୍ଭବ ଓ ସମାଜରେ ମହିଳାମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଉଚିତ ସମ୍ମାନ ଦେବା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡା. ତାପସ କୁମାର ମହାନ୍ତି, ନେପାଳ ଚନ୍ଦ୍ର ଦାସ, ସଦସ୍ୟ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ଭଦ୍ରକ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ,ଭଦ୍ରକଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

CMYK

